## ବିଦ୍ୟୁତ୍ ଆଘାତରୁ ମହିଳାଙ୍କୁ ବଞ୍ଚାଇଲେ

# ଚାଲିଗଲେ ୮୦ ବର୍ଷୀୟ ସମ୍ବାରୁ




ମାଲକାନଗିରି,୧୫।୬(ସମିସ): ମାଲକାନଗିରି ଜିଲ୍ଲାର ୮୦ ବର୍ଷୀୟ ସମ୍ବାରୁ ମାଡ଼କାମୀ ବିଦ୍ୟୁତ ଆଘାତ ଲାଗିଥିବା ଜଣେ ମହିଳାଙ୍କ ଜୀବନ ବଞ୍ଚାଇ ନିଜେ ପ୍ରାଣ ହରାଇଛନ୍ତି। ଜଣେ ମହିଳାଙ୍କ ଜୀବନ ବଞ୍ଚାଇବାକୁ ଯାଇ ସେ ନିଜ ଜୀବନକୁ ବଳିଦାନ ଦେଇ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ସଦର ଥାନା ଅନ୍ତର୍ଗତ ଜଦୁଗୁଡା ଗ୍ରାମର ଯୋଗିନୀ ପଡିଆମି ଏକ ବାଉଁଶ ବାଡ଼ି ସାହାଯ୍ୟରେ ଗଛରୁ ଟୋଲା ଫଳ ସଂଗ୍ରହ କରୁଥିବା ବେଳେ ଗଛ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା ସମ୍ବାରୁ ମାଡ଼କାମୀ ମୁହୂର୍ତ୍ତ ବିଳମ୍ବ ନକରି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ସେ ଯୋଗିନୀଙ୍କୁ ବଞ୍ଚାଇବାରେ ସଫଳ ହୋଇଥିଲେ ମଧ୍ୟ ନିଜେ ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇ ଅଚେତ ହୋଇପଡ଼ିଥିଲେ। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ସମ୍ବାରୁଙ୍କୁ ମୃତ ଘୋଷଣା କରିଥିଲେ। ଯୋଗିନୀ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଘଟଣାକୁ ନେଇ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସମ୍ବାରୁଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ସମ୍ବାରୁଙ୍କ ଏହି ମହାନ ବଳିଦାନ ଏକ ଜୀବନ ବଞ୍ଚାଇଥିବା ବେଳେ ତାଙ୍କ ପରିବାର ଓ ଅଞ୍ଚଳବାସୀଙ୍କୁ ଶୋକାକୁଳ କରିଦେଇଛି। ତାଙ୍କ ସାହସ ଓ ନିସ୍ୱାର୍ଥ ମାନବିକତା ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

■ ରଜରେ ହସିଲା ଆଓମା ଗୁରୁକୁଳ

## ଅସହାୟ ପିଲାଙ୍କ ସହ ଖୁସି ବାଣ୍ଟିଲେ ସମାଜସେବୀ ଦମ୍ପତି



ମାଲକାନଗିରି, ୧୫।୬(ସମିସ): ରଜ ଉତ୍ସବର ଦ୍ୱିତୀୟ ଦିନରେ ପଲ୍ଲୀରୁ ସହର ସବୁଠି ରଜର ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳୁଥିବା ବେଳେ ମାଲକାନଗିରି ଜିଲ୍ଲା ସଦରସ୍ଥ ଆଓମା ଗୁରୁକୁଳ ପରିସରରେ ନିଆରା ଢଙ୍ଗରେ ରଜ ପାଳନ କରାଯାଇଛି। ଏଠାରେ ରହୁଥିବା ପିତାମାତା ଛେଉଣ୍ଡ, ଅନାଥ ଓ ଅସହାୟ ପିଲାଙ୍କ ମୁହଁରେ ହସ ଫୁଟାଇବା ସହ ରଜର ଆନନ୍ଦକୁ ଦ୍ୱିଗୁଣିତ କରିଦେଇଛନ୍ତି ଜିଲ୍ଲାର ଜଣାଶୁଣା ସମାଜସେବୀ ଦମ୍ପତି ରତ୍ନାକର ଦାସ ଓ ତାଙ୍କ ପତ୍ନୀ ସୁଚିତ୍ରା ଦାସ। ରଜର ଦ୍ୱିତୀୟ ଦିନଟି ଏହି ଦମ୍ପତିଙ୍କ ୩୬ତମ ବିବାହ ବାର୍ଷିକୀ ସହ ଜଡିତ ଥିବାରୁ ସେମାନେ ନିଜ ପରିବାର ମଧ୍ୟରେ ସୀମିତ ନରଖି ଏହି ବିଶେଷ ଦିନକୁ ଆଓମା ଗୁରୁକୁଳର ପିଲାମାନଙ୍କ ସହ ପାଳନ କରିବାକୁ ପସନ୍ଦ କରିଥିଲେ। ଏହି ଅବସରରେ ସୁଚିତ୍ରା ଦାସ ନିଜ ହାତରେ ପାରମ୍ପରିକ ପୋଡ଼ପିଠା ପ୍ରସ୍ତୁତ କରିଥିବା ବେଳେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପିଲାମାନଙ୍କୁ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଅଶୋକ ମିଶ୍ର, ଚନ୍ଦନ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସହ ରଜର ଆନନ୍ଦ ବାଣ୍ଟିଥିଲେ। ସେମାନଙ୍କ ଉପସ୍ଥିତି ପରିବେଶକୁ ଆହୁରି ଉତ୍ସବମୁଖର କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଓମା ଗୁରୁକୁଳ ଏକ ବେସରକାରୀ ସାମାଜିକ ଅନୁଷ୍ଠାନ ହୋଇଥିବା ବେଳେ ସମାଜସେବୀ ବିନାଶ ମିଶ୍ର ଦୀର୍ଘ ବର୍ଷ ଧରି ନିଜସ୍ୱ ଉଦ୍ୟମ ଓ ନିଷ୍ଠାର ସହ ଏହାକୁ ପରିଚାଳନା କରିଆସୁଛନ୍ତି।

## ସ୍କୁଟି ଦୁର୍ଘଟଣା; ଜଣେ ମୃତ, ଜଣେ ଗୁରୁତର



କଲ୍ୟାଣସିଂହପୁର,୧୫।୬(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ସୁଲିପଦର ଗ୍ରାମର ସାଗର ସାହୁ (୨୨) ସ୍କୁଟି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଶ୍ରୀ ସାହୁ କୋଲନାରାର କୋଲଡ୍ରିଙ୍କ୍ସ କମ୍ପାନୀରେ କାମ କରୁଥିଲେ। ସେ କମ୍ପାନୀର ସାଙ୍ଗମାନଙ୍କ ସହିତ କାଶୀପୁର ପିକ୍ନିକ୍ କରିବାକୁ ଯାଇଥିଲେ । ପିକନିକ ସାରି ଆସିବା ସମୟରେ କାଶୀପୁର ବ୍ଲକ ଶିରିପାଇ ପଞ୍ଚାୟତର ମିନାଖୁଣ୍ଟି ବ୍ରିଜ ପାଖରେ ଭାରସାମ୍ୟ ହରାଇ ୨ ସ୍କୁଟି ସହିତ ବ୍ରିଜ ତଳକୁ ଖସି ପଡିଥିଲେ । ଗୁରୁତର ଅବସ୍ଥାରେ ୨ ଜଣଙ୍କ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ସାଗରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ସୁନୀଲ ପ୍ରଧାନଙ୍କୁ ରାୟଗଡା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର (ଏମକେସିଜି )ମେଡିକାଲ ସ୍ଥାନାନ୍ତର କରାଯାଇଛି। ପରିବାର ଦୁଇ ପୁଅଙ୍କ ମଧ୍ୟରେ ଗୋଟିଏ ମାତ୍ର ରାଜଗାରିଆ ପୁଅ ଥିଲେ ।

## ହଷ୍ଟେଲ ପରିସରରୁ ନିଖୋଜ ନାବାଳିକାକୁ ଉଦ୍ଧାର କରିବାକୁ ଦାବି



ଟିକିରି,୧୫।୬(ସମିସ): ଚାରି ମାସରୁ ଅଧିକ ଦିନ ଧରି ନିଖୋଜ ଅବସ୍ଥାରେ ଥିବା ନାବାଳିକା ଝିଅର ଉଦ୍ଧାର ପାଇଁ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଠାରେ ନେହୁରା ହୋଇଛନ୍ତି କାଶୀପୁର ବ୍ଲକ ନୂଆପଡ଼ା ଆରଆର କଲୋନୀ ବାସିନ୍ଦା ଅଭିରାମ ନାଏକ ଏବଂ ତାଙ୍କପରିବାର। ଜୟପୁର ସ୍ଥିତ ଏକ ଘରୋଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ବିଜ୍ଞାନରେ ନାମ ଲେଖାଇ ଥିବା ଏହି ଝିଅଟି ଫେବୃଆରୀ ଦୁଇ ତାରିଖରୁ ହଷ୍ଟେଲରୁ ନିଖୋଜ ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ସହିତ ନିଖୋଜ ନେଇ ଜୟପୁର ଟାଉନ ଥାନାରେ ଏତଲା ଦେଇଛନ୍ତି। ପୁଲିସ କେସ ନଂ ୩୯/୨୦୨୬ ରେ ଏକ ମାମଲା ରୁଜୁ କରି ନିରବ ରହିଥିବା ବେଳେ ଝିଅର ଖୋଜ ଖବର ମିଳୁ ନଥିବା ପିତା ଅଭିରାମ କହିଛନ୍ତି। ଏହି ଘଟଣାରେ ଘରୋଇ ବାଳିକା ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇବା ସହ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ତଦନ୍ତ ଭୁକ୍ତ କରିବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ଝିଅଟି ଟିକିରି ଏକ ଉଚ୍ଚବିଦ୍ୟାଳୟରେ ପଢୁ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅପୂର୍ବ ସୁନା ନାମକ ଜଣେ ଯୁବକ ନାବାଳିକାକୁ ପ୍ରେମ ଜାଲରେ ଫସାଇ କରି ନେଇ ଯାଇଥିଲେ।ଏଥିରେ ଝିଅର ପିତା ଅଭିରାମ ସ୍ଥାନୀୟ ଦୋରା ଗୁଡ଼ା ଥାନାରେ ଏତଲା ଦେବା ପରେ ପୁଲିସ ଝିଅକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଝିଅ ପାଠ ପଢିବା ପାଇଁ ଆଗ୍ରହୀ ବୋଲି କହିବାରୁ ବାପା ଜୟପୁର ସ୍ଥିତ ଏକ ଘରୋଇ ଆବାସିକ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ାଉ ଥିଲେ। କିନ୍ତୁ ଅଭିଯୁକ୍ତ ମାନେ ଜେଲରୁ ଜାମିନରେ ଆସିଥିବା ବେଳେ ଝିଅର ନିଖୋଜ ପଛରେ ଏମାନଙ୍କ ହାତ ଥିବାର ଅଭିରାମ ଅଭିଯୋଗ କରିଛନ୍ତି। ଝିଅକୁ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରେ ନିବେଦନ କରିଛନ୍ତି ଅଭିରାମ।

## କଲ୍ୟାଣସିଂହପୁର ଅଞ୍ଚଳରେ ରଜ ଉତ୍ସବ



କଲ୍ୟାଣସିଂହପୁର, ୧୫।୬(ସମିସ): ମୌସୁମୀର ପ୍ରଥମ ସ୍ପର୍ଶରେ ରଜ ପର୍ବ ମହିଳାଙ୍କ ପାଇଁ ଆଣିଛି ଅପୂର୍ବ ସମ୍ଭାର। ରଜପାଇଁ ଚଳଚଞ୍ଚଳ ପଲ୍ଲୀରୁ ସହର ପର୍ଯ୍ୟନ୍ତ। ଆଦିବାସୀ ଅଞ୍ଚଳ ହୋଇଥିଲେ ମଧ୍ୟ କୌଣସି ଖୁସିରୁ କମ୍ ନୁହଁନ୍ତି ଉପକୂଳ ବସ୍ତିଠୁ। ପ୍ରତି ଗ୍ରାମରେ ଏଭଳି ଦୃଶ୍ୟ ଦେଖୁବାକୁ ମିଳିଛି । ମହିଳାମାନେ ନିଜ ନିଜ ଗ୍ରାମରେ ଓ ସାହିରେ ରଜ ଦୋଳି ବାନ୍ଧି ଆନନ୍ଦ ଉଲ୍ଲାସରେ ଖେଳୁଥିବା ଦେଖିବାକୁ ମିଳିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ନିୟମଗିରିରୁ ଆରମ୍ଭ କରି ଦେବଗିରି ପର୍ଯ୍ୟନ୍ତ ଓ କୁଟ୍ରୁରୁ ମାଲିଠୁ ଆରମ୍ଭ କରି ବାସଙ୍ଗ ମାଳି ପର୍ଯ୍ୟନ୍ତ ମହିଳାଙ୍କ ରଜ ଉତ୍ସବ ଆରମ୍ଭ ହୋଇ ଯାଇଛି। ରଜପାଇଁ ବଜାର ଦୋକାନ ମିଠା ଶାଢୀ ଓ ଫେନସି ଦୋକାନରେ ମହିଳାଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ମାଟିର ପର୍ବ ରଜକୁ ନେଇ ଆଦିବାସୀ ଗ୍ରାମ ମାନଙ୍କରେ ଶିଶୁଠୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ନୂଆ ପୋଷାକ ପରିଧାନ କରି ଗଛରେ ଦୋଳି ବାନ୍ଧି ପରସ୍ପରକୁ ମିଠା ଚକଲେଟ ଖୁଆଇ ଖେଳ ଆରମ୍ଭ କରିଦେଇଛନ୍ତି। ପୂର୍ବ ପ୍ରସ୍ତୁତି ଅନୁଯାଇ ନିଜର କାମଧାମ ଛାଡି ଦୋଳିରେ ମାତିଛନ୍ତି ମହିଳା ମାନେ। ତିନିଦିନ ଧରି ଚାଲିବାକୁ ଥିବା ରଜ ଉତ୍ସବ ଯାକଜମକରେ ଚାଲିବାକୁ ଥିବାରୁ ମହିଳାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ଲଦା ସିକକାଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ ପ୍ରତ୍ୟାହାର ହେଉ: ଆଦିବାସୀ ସଂଘର୍ଷ ମୋର୍ଚ୍ଚା



ରାୟଗଡ଼/ଗୁଣୁପୁର,୧୫।୬(ସମିସ): ନିୟମଗିରି ବଞ୍ଚାଅ ଆନ୍ଦୋଳନର ଅନ୍ୟତମ ନେତା ତଥା ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘଦିନ ଧରି ସଂଗ୍ରାମ କରୁଥିବା ଆଦିବାସୀ ନେତା ଲଦା ସିକ୍କାଙ୍କ ସମ୍ପତି ଜବତ କରିବାକୁ ଲାଞ୍ଜିଗଡ଼ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା (ଏଏସଏମ )ତୀବ୍ର ନିନ୍ଦା କରିଛି। ମୋର୍ଚ୍ଚାର ସର୍ବ ଭାରତୀୟ ଆବାହକ ତ୍ରିପତି ଗମାଙ୍ଗ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ନିୟମଗିରି ଆନ୍ଦୋଳନ ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ଅଧିକାରର ସୁରକ୍ଷା ପାଇଁ ଏକ ଐତିହାସିକ ଆନ୍ଦୋଳନ। ଏହି ଆନ୍ଦୋଳନର ଜଣେ ପ୍ରମୁଖ ନେତାଙ୍କ ବିରୋଧରେ ସମ୍ପତି ଜବତ ଭଳି ପଦକ୍ଷେପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗରିବ ଆଦିବାସୀ ଲୋକଙ୍କ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥାକୁ ଦୁର୍ବଳ କରିବ। ଶ୍ରୀ ଗମାଙ୍ଗ କହିଛନ୍ତି ଯେ, ଏହି ନିର୍ଦ୍ଦେଶ କର୍ପୋରେଟ୍ ଶକ୍ତିମାନଙ୍କୁ ରାଜ୍ୟର ଖଣିଜ ଓ ପ୍ରାକୃତିକ ସମ୍ପଦ ଲୁଟ କରିବା ପାଇଁ ପରୋକ୍ଷ ଭାବେ ସହାୟକ ହେବ। ଯେଉଁମାନେ ଜଙ୍ଗଲ, ପାହାଡ଼ ଓ ଆଦିବାସୀ ଅଧିକାରର ସୁରକ୍ଷା ପାଇଁ ଲଢୁଛନ୍ତି, ସେମାନଙ୍କୁ ଦମନ କରିବାର ପ୍ରୟାସ ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ। ଆଦିବାସୀ ସଂଘର୍ଷ ମୋର୍ଚ୍ଚା ଦାବି କରିଛି ଯେ, ଲାଞ୍ଜିଗଡ଼ ଅଦାଲତ ଏହି ନିର୍ଦ୍ଦେଶକୁ ପୁନଃବିଚାର କରି ତୁରନ୍ତ ପ୍ରତ୍ୟାହାର କରନ୍ତୁ। ନଚେତ୍ ଆଦିବାସୀ, ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଶକ୍ତିମାନେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବେ ବୋଲି ମୋର୍ଚ୍ଚା ସତର୍କ କରିଛି।

■ ସୋଲାର ପ୍ରକଳ୍ପ ଅଚଳ

## ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ



ଟିକିରି,୧୫।୬(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି, ସ୍ଥିତ ଦୁଡୁକା ବାହାଲ ପଞ୍ଚାୟତ ଡେଙ୍ଗା ଗୁଡ଼ା ନିକଟରେ ଥିବା ଏକ ସୋଲାର ପାଣି ଯୋଗାଣ ପାଖାପାଖି ୯ ମାସରୁ ଅଧିକ ହେବ ଅଚଳ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ଟାଇଁଟାଇଁ ଖରା ହେଉଥିବା ବେଳେ ସୋଲାର ପାଣି ଯୋଗାଣ ପ୍ରକଳ୍ପ ଦୀର୍ଘ ୯ ରୁ ୧୦ ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ନିର୍ମିତ ଏହି ପ୍ରକଳ୍ପ ବର୍ତ୍ତମାନ କେବଳ ଶୋଭାବର୍ଦ୍ଧନର ବସ୍ତୁ ପାଲଟିଛି। ସୋଲାର ପ୍ୟାନେଲ୍‌ଟିକୁ କେହି ଦୁର୍ବୃତ୍ତ ଚୋରି ନେଇଯାଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ପାଇପ୍ ବ୍ୟବସ୍ଥାରେ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଗ୍ରାମବାସୀମାନେ ସ୍ଥାନୀୟ ନାଳରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମ ଋତୁରେ ପାଣି ସମସ୍ୟା ଅଧିକ ଗୁରୁତର ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ସରପଞ୍ଚଙ୍କୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଗ୍ରାମବାସୀମାନେ ତୁରନ୍ତ ସୋଲାର ପାଣି ଯୋଗାଣ ପ୍ରକଳ୍ପର ମରାମତି କରାଯାଇ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି। ଏଥି ପ୍ରତି ପ୍ରଶାସନ ଶୀଘ୍ର ଦୃଷ୍ଟି ଦେଇ ଲୋକଙ୍କ ପାଣି ସମସ୍ୟାର ସମାଧାନ କରିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ରାୟଗଡରେ ଆପ୍ ରାଜ୍ୟ ସଭାପତିଙ୍କ ସମୀକ୍ଷା ବୈଠକ



ରାୟଗଡ,୧୫।୬(ସମିସ):

ରାୟଗଡ ଜିଲ୍ଲାରେ ଆମ ଆଦମୀ ପାର୍ଟି (ଆପ୍)ର ଚାଲିଥିବା ସଦସ୍ୟତା ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଆଜି ରାୟଗଡାରେ ପହଞ୍ଚିଛନ୍ତି । ଆଜି ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଦଳୀୟ କର୍ମୀ ମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ମହାପାତ୍ର ଆପ୍ ଦଳର ସଦସ୍ୟତା ଅଭିଯାନ ସମ୍ପର୍କରେ କହିଥିଲେ। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଦଳର କେନ୍ଦ୍ରୀୟ ନେତୃତ୍ୱ ରାୟଗଡ ଜିଲ୍ଲା ଗସ୍ତ କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଆପ ଦଳର ରାଷ୍ଟ୍ରୀୟ ସଭାପତି ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଦଳ ଅଧିକ ମଜବୁତ ହେଉଛି। ଆଗାମୀ ପଞ୍ଚାୟତ ନିର୍ବାଚନ, ଜିଲ୍ଲା ପରିଷଦ ଓ ପୌର ନିର୍ବାଚନରେ ଆପ୍ ପକ୍ଷରୁ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇ ନିର୍ବାଚନ ରଣନୀତି ଆରମ୍ଭ କରାଯିବ ବୋଲି କହିଥିଲେ। ଓଡ଼ିଶାରେ ବର୍ତ୍ତମାନ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ହୋଇଥବା ବେଳେ ରାଜ୍ୟରେ ଅରାଜକତା ବୃଦ୍ଧି ପାଇଛି। ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ଦିଗରେ ବିଫଳ ହୋଇଛି । ଆଇନଜୀବୀ ଗୁରୁ ପ୍ରସାଦ ସାହୁଙ୍କୁ ଜିଲ୍ଲା ଲିଗାଲ ସେଲ ସଭାପତି ସଭାପତି ଭାବେ ଚୟନ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀ ଓ ସମୀକ୍ଷା ବୈଠକରେ ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ଲିଗାଲ ସେଲ ସଭାପତି ଶ୍ରୀ ସାହୁ, ଆଦିବାସୀ ମୋର୍ଚ୍ଚା ସଭାପତି ଟି. ସାଙ୍ଗନାଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ କର୍ମୀ ଉପସ୍ଥିତ ଥିଲେ।

## ଜୟପୁର ସିଟିଜେନ କମିଟିର କାର୍ଯ୍ୟକାରିଣୀ ବୈଠକ



ଜୟପୁର,୧୫।୬(ସମିସ): ଜୟପୁର ସିଟିଜେନ କମିଟିର କାର୍ଯ୍ୟକାରିଣୀ ବୈଠକ ଆଜି ସ୍ଥାନୀୟ ଶିରିଡ଼ି ସାଇ ନଗର କମିଟିର କାର୍ଯ୍ୟାଳୟ ଭବନରେ ଅନୁଷ୍ଠିତ ହୋଇଛି। ସଭାନେତ୍ରୀ ବିନୋଦିନୀ ସାନ୍ତ୍ରାପାତ୍ର ଅଧ୍ୟକ୍ଷତାରେ ଏହି ବୈଠକରେ ସମ୍ପାଦକ ଜି.ଭି.ରେଡ୍ଡୀ ବିଗତ ଦିନରେ ନିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇଥିଲେ। ନୂତନ ଭାବେ ଆଗତ ହୋଇଥିବା ପ୍ରସ୍ତାବ ମଧ୍ୟମରୁ ଆଗାମୀ ଦିନରେ ହେବାକୁ ଥିବା ଝଡ ତୋଫାନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ଥିବା ସମସ୍ତ ବଡ ଗଛର ଲାମ୍ବା ଡ଼ାଳ ଗୁଡ଼ିକ କଟାଇବା, ନାଳ ଗୁଡ଼ିକ ମଧ୍ୟରୁ ଆଳିଆ ସଫା କରିବା, ପୂର୍ବରୁ ଦେଇଥିବା ପ୍ରସ୍ତାବ ଅନୁଯାୟୀ ସହରରେ ରାତ୍ରି କାଳୀନ ଡାକ ଘର ସେବା, ଟ୍ରେନ୍ ଟିକେଟ କାଉଣ୍ଟର, ପୁରୀ କୋରାପୁଟ ଟ୍ରେନ୍ ଜୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ମୁଖ୍ୟ ସଡ଼କରେ ଆଧୁନିକ ଶୌଚାଳୟ ଇତ୍ୟାଦି ବିଷୟର ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ଦାବି ଗୁଡିକ ଜିଲ୍ଲା ପ୍ରସାଶନ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହା ସହ ସଭ୍ୟ ଦେୟ ଚଳିତ ମାସ ସମ୍ପୂର୍ଣ୍ଣ କରିବାକୁ ନିଷ୍ପତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରିଣୀ ସଭ୍ୟ ସତ୍ୟବାନ ପଣ୍ଡା, ପରମେଶ୍ୱର ପାତ୍ର, ଯାଦବ ସୁବୁଦ୍ଧି, ରତ୍ନାକର ଚୌଧୁରୀ, ମିନକେତନ ଦାସ, ସୁବାସ ପଣ୍ଡା, ରବିନାରାୟଣ ନନ୍ଦ, ଦେବେନ୍ଦ୍ର ବାହିନୀପତି, ଭୀମସେନ ଅଗ୍ରୱାଲ, ତୁଳସୀ ରାଓ, ରାମନାଥ ପଣ୍ଡାଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ମା' ଧରଣୀ କ୍ରିକେଟ୍ ପ୍ରିମିୟର ଲିଗ୍ ଶୁଭାରମ୍ଭ



କଲ୍ୟାଣସିଂହପୁର, ୧୫।୬(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମଣୀପଙ୍କା ପଞ୍ଚାୟତ ଅନ୍ତର୍ଗତ କୋତାଗୁଡ଼ା ଗ୍ରାମରେ ଆଜି ମା' ଧରଣୀ କ୍ରିକେଟ ପ୍ରିମିୟର ଲିଗର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କ୍ରୀଡ଼ାପ୍ରେମୀ, ଯୁବବର୍ଗ ଓ ଗ୍ରାମବାସୀଙ୍କ ବହୁଳ ଉପସ୍ଥିତିରେ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଅଭିଳାଷ ମହାନନ୍ଦିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ବୃଦ୍ଧି ଓ ସାମାଜିକ ଏକତା ସୁଦୃଢ଼ କରିବାରେ ଏପରି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିନାୟକ ଇଲେଭେନ ଓ ଆର୍କେ ଇଲେଭେନ ମଧ୍ୟରେ ରୋମାଞ୍ଚକର ମୁକାବିଲା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିନାୟକ ଇଲେଭେନ ନିର୍ଦ୍ଧାରିତ ୧୦ ଓଭରରେ ୮୬ ରନ୍ ସଂଗ୍ରହ କରି ଆର୍କେ ଇଲେଭେନ ସମ୍ମୁଖରେ ଏକ ଚ୍ୟାଲେଞ୍ଜ ଲକ୍ଷ୍ୟ ରଖିଥିଲା। ଜବାବରେ ବ୍ୟାଟିଂ କରିଥିବା ଆର୍କେ ଇଲେଭେନ ବିନାୟକ ଦଳର ଶୃଙ୍ଖଳିତ ବୋଲିଂ ଆକ୍ରମଣ ଆଗରେ ତିଷ୍ଠି ପାରିନଥିଲା ଏବଂ ୬୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ବିନାୟକ ଇଲେଭେନ ୨୨ ରନ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟରେ ବିଜୟର ସହ ଶୁଭାରମ୍ଭ କରିଛି। ଆଜିର ମ୍ୟାଚ୍‌ରେ ଜଳନ୍ଧର ମାଣ୍ଡିକା ଓ ସିଦ୍ଧାନ୍ତ କୁଲେସିକା ଏମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଭାବେ ମେଘ ଗାଣ୍ଟା କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିବାରେ ଆୟୋଜକ କମିଟିର ସଦସ୍ୟମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଖେଳକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର କ୍ରୀଡ଼ାପ୍ରେମୀ ଓ ଦର୍ଶକ ଯୋଗଦେଇଥିଲେ।

# କାଶୀପୁରରେ ଡକାୟତି ଯୋଜନା ପଣ୍ଡ: ୫ ଗିରଫ



ରାୟଗଡ/କାଶୀପୁର,୧୫।୬(ସମିସ): ରାୟଗଡ ଜିଲ୍ଲା କାଶୀପୁରରେ ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଡକାୟତି ଯୋଜନା କରୁଥିବା ଏକ ଡକାୟତି ଗ୍ୟାଙ୍ଗର ଅପରାଧୀଙ୍କୁ ଚଢ଼ଉ କରି କାବୁ କରିଛି କାଶୀପୁର ପୁଲିସ। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏହାସହ କାଶୀପୁର ଥାନାର ଆଉ ୩ଟି ସମ୍ପତ୍ତି ଅପରାଧ ମାମଲାର ପର୍ଦ୍ଦାଫାଶ ମଧ୍ୟ ହୋଇଛି। ଏହି ମାମଲାର ଅଭିଯୋଗକାରୀ କାଶୀପୁର ଥାନାର ଏସଆଇ ବିକାଶ କୁମାର ପଟେଲ ହୋଇଥିବା ବେଳେ ତଦନ୍ତ କରୁଛନ୍ତି ଅତିରିକ୍ତ ଆଇଆଇସି ଗୋପବନ୍ଧୁ ମଲ୍ଲିକ ଗିରଫ ଅଭିଯୁକ୍ତମାନେ ହେଲେ ଡମ୍ବରୁଧର ନାଏକ ଓରଫ ଅଙ୍କିତ, ଧୋଲୁ ଓରଫ ମନୋଜ ନାୟକ, ରବି ମାଝି , ଆକାଶ ବଡନାୟକ ଓ ଭାଗୀରଥୀ ନାୟକ ଓରଫ ଭୋଗି। ସମସ୍ତେ କାଶୀପୁର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ୧୪ ଓ ୧୫ ଜୁନ୍ ମଧ୍ୟରାତ୍ରିରେ ପାଟ୍ରୋଲିଂ ଡ୍ୟୁଟି ସମୟରେ କାଶୀପୁର ଶିବ ମନ୍ଦିର ନିକଟରେ କିଛି ଯୁବକ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ତୁରନ୍ତ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସହ ନେଇ ପୋଲିସ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ସମୟ ପିଛା କରି ସମସ୍ତଙ୍କୁ କାବୁ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ହିରୋ ପ୍ୟାସନ୍ ପ୍ରୋ ମୋଟରସାଇକେଲ (ଏମପି୪୪ଏମଆର-୪୪୯୫), ଗୋଟିଏ ଲୁହା ଖଣ୍ଡା, ଦୁଇଟି ଲୁହା ରଡ୍, ଦୁଇଟି ବାଉଁଶ ବାଡ଼ି, ମଦ ବୋତଲ, ଡିସପୋଜେବଲ୍ ଗ୍ଲାସ, ନମକିନ୍ ପ୍ୟାକେଟ ଓ ଲଙ୍କା ପାଉଡର ପ୍ୟାକେଟ ଜବତ କରାଯାଇଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ କାଶୀପୁର ଥାନାର ଆଉ ୩ଟି ସମ୍ପତ୍ତି ଅପରାଧ ମାମଲାରେ ସଂପୃକ୍ତ ଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଏହି ମାମଲାଗୁଡ଼ିକରୁ ଗୋଟିଏ ବେଡ୍, ଗୋଟିଏ ମୋଟରସାଇକେଲ, ଗ୍ୟାସ୍ ସିଲିଣ୍ଡର, ଗ୍ୟାସ୍ ଚୁଲା, ରନ୍ଧନ ସାମଗ୍ରୀ ଓ ଅଣ୍ଡା କ୍ୟାରେଟ୍ସ ଜବତ କରାଯାଇଛି। କାଶୀପୁର ଅଞ୍ଚଳରେ ବଢୁଥିବା ଅପରାଧ ଉପରେ ପୋଲିସର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ପରେ ସାଧାରଣରେ ପ୍ରଶଂସା କରାଯାଉଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ, ଅଭିଯୁକ୍ତମାନଙ୍କର ଅନ୍ୟାନ୍ୟ ଅପରାଧିକ ଲିଙ୍କ ନେଇ ମଧ୍ୟ ଖୋଳତାଡ଼ ଚାଲିଛି।

# ଲକ୍ଷ୍ମୀପୁରରେ ରଜ ସୁନ୍ଦରୀ ପ୍ରତିଯୋଗିତା



ଲକ୍ଷ୍ମୀପୁର,୧୫।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ରଜ ଉପଲକ୍ଷେ ରଜ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଲକ୍ଷ୍ମୀପୁର ସ୍ଥିତ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ଏହି ପ୍ରତିଯୋଗୀତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବ୍ଲକ ଅଧ୍ୟକ୍ଷା ସୁୱାଇ କୁଲେସିକା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ କୁଲଦୀପ ଯୋଗ ଦେଇଥିଲେ। ଏଥିରେ କୁନି କୁନି ଝିଅ ମାନେ ଭାଗ ନେଇ ନିଜ ନିଜର ନୃତ୍ୟ ପରିବେଷଣ କରି ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଦର୍ଶକ ମାନଙ୍କ ମନ ଜିତିବାକୁ ନୃତ ମାଧ୍ୟମରେ ଚେଷ୍ଟା କରିଥିଲେ। ଅବିଭାବକ ମାନେ ମଧ୍ୟ ନିଜ ପିଲାଙ୍କ ମାନଙ୍କ କଳା ପ୍ରଦର୍ଶନ ଦେଖି ଖୁସି ଜାହିର କରିଥିଲେ। ଶେଷରେ ପୂର୍ବତନ ବିଧାୟକ କୈଳାସ କୁଲେସିକା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ରଜ ସୁନ୍ଦରୀ ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ଏବଂ ସେ ଯାତ୍ରାରେ ଥିବା କୋରାପୁଟ ଓ କୋଟପାଡ ଦୁଇ ବିଧାୟକ ରଘୁରାମ ମାଛ , ରୁପୁ ଭୋତ୍ରାଙ୍କୁ ଆମନ୍ତ୍ରଣ କରି ଥିଲେ। ମଣ୍ଡଳ ସଭାପତି ଅଜୟ ଖରାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହିଥିଲେ । ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମା ମାନେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୌଭାଗ୍ୟରାଣୀ ନାୟକ ପରିଚାଳନା କରିଥିଲେ ଏବଂ ବଜାର କମିଟିର ସଭାପତି ମନୋଜ କୁମାର ସାହୁ ଓ ଉପ ସଭାପତି ଉମାଶଙ୍କର କର୍କରା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଖାଉଟୀଙ୍କୁ ବିଦ୍ୟୁତ୍ ସଂଯୋଗ ଦେବାରେ ବିଳମ୍ବ

# ଟାଟା ପାୱାରଙ୍କ ଅଧିକ୍ଷଣ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜରା ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର,୧୫।୬(ସମିସ): ନବରଙ୍ଗପୁର ଅଧିକ୍ଷଣ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜରା ହେବା ପାଇଁ ରାଜ୍ୟ ଖାଉଟି ଅଦାଲତ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସ୍ଥାନୀୟ ସାମ୍ବାଦିକ ସି ଏଚ ଈଶ୍ୱର ରାଓ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦୁଇ ବର୍ଷ ତଳେ ଆବଶ୍ୟକୀୟ ଜମାରାଶି ସହ ଦେୟ ପୈଠ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିଲା। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ଓ କର୍ମଚାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏ ସଂପର୍କରେ ଆଇନଜୀବୀଙ୍କ ମାଧ୍ୟମରେ ନବରଙ୍ଗପୁର ଜିଲ୍ଲା ଖାଉଟି ଅଦାଲତରେ ଶ୍ରୀ ରାଓ ଏକ ମୋକଦ୍ଦମା ଦାଖଲ କରିଥିଲେ। ଖାଉଟି ଅଦାଲତ ଏହି ମୋକଦ୍ଦମାର ବିଚାର କରି ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ଓ ପ୍ରତ୍ୟେକ ଦିନ ଉପଭୋକ୍ତାଙ୍କୁ ୨୦୦ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ଖାଉଟି ଅଦାଲତର ନିର୍ଦ୍ଦେଶ ବିରୋଧରେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟ ଖାଉଟି ଅଦାଲତରେ ଅନ୍ତରୀଣ ସୁରକ୍ଷା ଦେବାକୁ ଏକ ପିଟିସନ୍ ଦାଖଲ କରିଥିଲେ। ମାତ୍ର ରାଜ୍ୟ ଖାଉଟି କମିଶନର ବିଭିନ୍ନ ଦିନରେ ଏହି ମାମଲାର ଶୁଣାଣି କରି ଆସନ୍ତା ଜୁନ୍ ୨୩ ଦିନ ରାଜ୍ୟ ଖାଉଟି ଅଦାଲତରେ ନବରଙ୍ଗପୁର ଜିଲ୍ଲାର ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ରାଜ୍ୟ ଖାଉଟି କମିଶନଙ୍କ ପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଅଗତ କରାଯାଇଥିବା ସତ୍ୟପାଠକୁ ନାକଚ କରିବା ସଙ୍ଗେ ସଙ୍ଗେ ନୂଆ ସତ୍ୟପାଠ ସହ ବ୍ୟକ୍ତିଗତ ହାଜର ମାଧ୍ୟମରେ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ରାଜ୍ୟ ଖାଉଟି କମିଶନରେ ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଓ ତାଙ୍କ ସହଯୋଗୀ ବ୍ରଜେନ୍ଦ୍ର କୁମାର ସିହ୍ନା ପରିଚାଳନା କରୁଥିଲେ ବୋଲି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସିଏଚ ଈଶ୍ୱର ରାଓ ସୂଚନା ଦେଇଛନ୍ତି।

### ରାଜ୍ୟ ଖାଉଟି ଅଦାଲତ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

## ଆନ୍ଥ୍ରୋପୋଲୋଜିରେ ଟପ୍ପର ହେଲେ ଡି. ଆକ୍ସା

ନବରଙ୍ଗପୁର, ୧୫।୬ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ଅବସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ମୁଖ୍ୟତ ଅବିଭକ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିଥାନ୍ତି। ମାଲକାନଗିରି, ରାୟଗଡା ଏବଂ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କୁ ପଛରେ ପକାଇ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ତୁରୁଞ୍ଜି ଗ୍ରାମର ଶ୍ରୀ ସୁକାନ୍ତ୍ର ଡଙ୍ଗରି ଏବଂ କେଥେରୀନା ଆଶାଙ୍କ ଗୋଟିଏ ମାତ୍ର ଝିଅ ଡ଼ି. ଆକସା ୯୧.୬ ପ୍ରତିଶତ ଶତକଡା ମାର୍କ ରଖି ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ କଳା ଏବଂ ସ୍ନାତକରେ (ଆନ୍ଥ୍ରୋପୋଲୋଜି ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଗାମୀ ଦିନରେ ଆହୁରି ପରିଶ୍ରମ କରି ଜିଲ୍ଲାପାଳ ହେବାକୁ ଚେଷ୍ଟା ଜାରି ରଖିବେ ବୋଲି ମତ ରଖିଛନ୍ତି।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଶ୍ରମିକ ସଚେତନତା



ବୈପାରୀଗୁଡା,୧୫।୬(ସମିସ): ବୈପାରୀଗୁଡା ବ୍ଲକ ସମ୍ମିଳନୀ କକ୍ଷଠାରେ ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଜୟପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈପାରୀଗୁଡା ବ୍ଲକ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମ ଓ ଶିଶୁ ନିର୍ଯାତନା ସମାଜ ପାଇଁ ଏକ ଗୁରୁତର ସମସ୍ୟା ବୋଲି କହିଥିଲେ। ଶିଶୁମାନଙ୍କୁ ଶିକ୍ଷା, ସୁରକ୍ଷା ଓ ସୁସ୍ଥ ପରିବେଶ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଡାକ୍ତର ଗାୟତ୍ରୀ ଦେବୀ, ସିଡିପିଓ ସାବିତ୍ରୀ ବ୍ରହ୍ମା ଓ ସହକାରୀ ଶ୍ରମ ଅଧିକାରୀ ମମାଲି ନାୟକ ଯୋଗଦେଇ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବକ୍ତାମାନେ କହିଥିଲେ ଯେ, ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ (ସଂଶୋଧିତ ୨୦୧୬) ଅନୁଯାୟୀ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ସେହିପରି ପୋକ୍ସୋ ଆଇନ, ୨୦୧୨, କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଏବଂ ଶିକ୍ଷାର ଅଧିକାର ଆଇନ, ୨୦୦୯ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ ବ୍ୟବସ୍ଥା ପ୍ରଦାନ କରିଛି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମ୍‌ବିକେ, ସିଆରପି ଓ ସହୀଦ ଲକ୍ଷ୍ମଣ ନାୟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଶିଶୁ ଶ୍ରମ ଓ ଶିଶୁ ନିର୍ଯାତନା ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଚେତନ ହେବା ସହ ଆଇନର ସଠିକ୍ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହାୟକ ରାଜେଶ୍ୱର ମହୁରିଆ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର କହଁର ସହ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବ୍ୟାସକବିଙ୍କ ଶ୍ରାଦ୍ଧ ଦିବସ, ରଜ ମହୋତ୍ସବ



ନବରଙ୍ଗପୁର/ଉମରକୋଟ,୧୫।୬(ସମିସ): ଫକିରମୋହନ ପଠନଶାଳାର ଆନୁକୂଲ୍ୟରେ ସଂକ୍ରାନ୍ତିଆ ପୁରୁଷ ତଥା ଓଡ଼ିଆ ଭାଷା ସାହିତ୍ୟର ଆଦିସ୍ରଷ୍ଟା ବ୍ୟାସକବି ଫକିରମୋହନ ସେନାପତିଙ୍କ ଶ୍ରାଦ୍ଧ ବାର୍ଷିକୀ ଉମରକୋଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସହ-ସମ୍ପାଦକ ରାମ ଚନ୍ଦ୍ର ରାମଙ୍କ ନେତୃତ୍ୱରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଫକିରମୋହନଙ୍କର ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ଅବଦାନ ସମ୍ପର୍କୀୟ ଆଲୋଚନା ଚକ୍ରକୁ ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ପରିଚାଳନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରିଥିଲେ। ଫକିରମୋହନଙ୍କ ସଂଘର୍ଷମୟ ଜୀବନ କାହାଣୀ ଉପରେ ସର୍ବଶ୍ରୀ ଦେବେନ୍ଦ୍ର ପ୍ରସାଦ ନାୟକ, ବୈକୁଣ୍ଠନାଥ ମହାପାତ୍ର ଓ ବଂଶୀଧର ଭୁଇଁଆ ଆଲୋକପାତ କରିଥିବା ବେଳେ ସଂଘମିତ୍ରା ସତପଥୀ, ଗୀତାଞ୍ଜଳି ଦାସ, ଶାନ୍ତିଲତା ମହାନ୍ତି, ଶେଖ ନାସିରୁଦ୍ଦିନ ଓ ସବିତା ସେନାପତି ବ୍ୟାସକବିଙ୍କ ଓଡ଼ିଆ ଭାଷା ପ୍ରୀତି ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ରଜ ମହୋତ୍ସବ ପାଳନର ବିଭିନ୍ନ କାର୍ଯ୍ୟକ୍ରମରେ ସର୍ବଶ୍ରୀ ରମେଶ ଚନ୍ଦ୍ର ପଟ୍ଟନାୟକ, ହରିହର ସତପଥୀ, ଅଲେଖ ପ୍ରସାଦ ସାମଲ, ମଧୁସୂଦନ ବେହେରା, ଗଣେଶ ପ୍ରସାଦ ରଣା, କେଦାରେଶ୍ୱର ପଟ୍ଟନାୟକ, ରାମଚନ୍ଦ୍ର ପରିଡ଼ା ଓ ସଞ୍ଜୟ କୁମାର ପରିଡ଼ା ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ। ଉମରକୋଟର ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ପରେ ରଜ ଉତ୍ସବ ଅବସରରେ ବିଭିନ୍ନ ପ୍ରକାରର ପିଠା ଓ ମିଠା ବଣ୍ଟନ କରାଯାଇଥିଲା।

## ଆଦିବାସୀ ଝିଅଙ୍କ ଗହଣରେ ରଜ ପାଳିଲେ ଜିଲ୍ଲା ମହିଳା ନେତ୍ରୀ



କୁନ୍ଦୁରା,୧୫।୬ (ସମିସ): କୁନ୍ଦୁରା ବ୍ଲକ ଡଙ୍ଗର ପାଉଁଶି ପଞ୍ଚାୟତ ସଦର ତଳ ସାହିରେ ଆଦିବାସୀ ଝିଅଙ୍କ ସହ ରଜ ପାଳିଲେ ବିଜେପି ଜିଲ୍ଲା ମହିଳା ସଭାନେତ୍ରୀ ସ୍ୱାତୀ ହୋତା ଏବଂ ଟିମ୍ । ଜିଲ୍ଲା ମହିଳା ଟିମ ରଜ ପର୍ବ ଅବସରରେ ସବୁଆଡେ ବୁଲିବାକୁ ଯାଉଥିବା ବେଳେ ଏକ ଟିମ ଡଙ୍ଗର ପାଉଁସି ପହଞ୍ଚି ଥିଲେ। ଏଠାକାର ଝିଅ ଏବଂ ମହିଳା ମାନେ ମିଶି କିଛି ଦୂରରେ ନାଚ ଗୀତରେ ସ୍ୱାଗତ କରିଥିଲେ। ଏହି ଜିଲ୍ଲା ଟିମ୍‌ରେ ଉପ ସଭାନେତ୍ରୀ ସୀମା କରନ, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ସୁଚିସ୍ମିତା ବେହେରା, ଜିଲ୍ଲ ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ଭଟ୍ଟ, ତୁଷାର ଭଟ୍ଟ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଏହି ଜିଲ୍ଲା ଟିମ୍‌କୁ ହାତ ତିଆରି ଜିଲାପି, ମିଠା, ମିଠା ପାନ ଦେଇଥିଲେ। ପରେ ଛୋଟ ଝିଅ ମାନେ ଏହି ଟିମ୍‌ର ସଦସ୍ୟ ମାନଙ୍କୁ ଜଣ ଜଣ କରି ଦୋଳିରେ ବସାଇ ଝୁଲାଇ ଥିଲେ। ଆଦିବାସୀ ମାନଙ୍କ ମନରେ ଏହି ପର୍ବର ଭାବନା ଜାଗ୍ରତ ହେବା ସହ ଏଠାରେ ପ୍ରାୟ ୨୦ ବର୍ଷ ହେବ ପାଳିତ ହୋଇ ଆସୁଅଛି। ଅନ୍ୟ ମାନଙ୍କ ମଧ୍ୟରେ ଲଛମନ ଭତ୍ରା, ରାମନାଥ ପାତ୍ର, ଗୀତାଞ୍ଜଳି ଭତ୍ରା, ସୂର୍ଯ୍ୟମଣୀ ରଣା, କାଞ୍ଚନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡମ୍ବ ସମାଜର ଜିଲ୍ଲାସ୍ତରୀୟ ବୈଠକ



ପାପଡାହାଣ୍ଡି,୧୫।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୋକିଆ ଆରଏମସି ପଡିଆଠାରେ ଜିଲ୍ଲାସ୍ତରୀୟ ଡମ୍ବ ସମାଜର ବୈଠକ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରୁ ସମ୍ବିଧାନ ପ୍ରଣୟତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସଭାକୁ ସଭାର ସଭାପତି ଦେବରାଜ ନାଗ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବିଭକ୍ତ କୋରାପୁଟ ଜିଲ୍ଲା ସଭାପତି ପ୍ରକାଶ ନାଗ, ନବରଙ୍ଗପୁର ଜିଲ୍ଲା ଏସ ସି ସେଲ ସଭାପତି ଅର୍ଜୁନ ସମରଥ, ନବରଙ୍ଗପୁର ଜିଲ୍ଲା ଡମ୍ବ ସମାଜ ସଭାପତି ଜନକରାମ ସୁନା, ନବରଙ୍ଗପୁର ଜିଲ୍ଲା ଡ଼ମ୍ବ ସମାଜ ଉପ ସଭାପତି ଦେବରାଜ ନାଗ , ଉମରକୋଟ ସଭାପତି ଗଙ୍ଗାଧର କଟିମ, ପାପଡାହାଣ୍ଡି ବ୍ଲକ ଏସ ସି ସେଲ ସଭାପତି ଈଶ୍ୱର ମିର୍ଗାନ, ଏସସି ସେଲ ଜିଲ୍ଲା ସମ୍ପାଦକ ଡମ୍ବରୁଧର ସୁନା , ଭଗବାନ ବୈରାଗୀ , ଏସସି ସେଲ ସଭ୍ୟ ଜଗବନ୍ଧୁ ମିର୍ଗାନ , ହରିହର ଦୁର୍ଗା , ପିତାମ୍ବର ନିହାଲ, ଏସ ସି ସେଲ ପାପଡାହାଣ୍ଡି ବ୍ଲକ ସମ୍ପାଦକ ଗବିନ୍ଦ ମିର୍ଗାନ , ନିଲମ ହରିଜନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜଣେ ନାରୀ ଯଦି ଶିକ୍ଷିତ ହେବ, ତାହେଲେ ସେ ତାର ତିନି ପିଢ଼ିକୁ ଶିକ୍ଷିତ କରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ନାଗ ତାଙ୍କ ଅଭିଭାଷଣ ରେ ରଖିଥିଲେ। ଅତିଥିମାନେ ଏଥିରେ ମୁଖ୍ୟତଃ ଶିକ୍ଷା ଏବଂ ନିଶା ମୁକ୍ତ ସମାଜ ଗଠନ, ବାଲ୍ୟ ବିଭାହ ପ୍ରଥା କୁ ବିରୋଧ କରିବା , ଡମ୍ବ ସମାଜର ଉନ୍ନତି ପଛୁଆ ସ୍ତରର ଲୋକଙ୍କୁ ମୁଖ୍ୟସ୍ରୋତରେ ଆଣିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲାର ୧୦ ଗୋଟି ବ୍ଲକର ଡମ୍ବ ସମାଜ ପ୍ରମୁଖ ପଦାଧିକାରୀ ଉପସ୍ଥିତ ରହିଥିଲେ । ସମାଜର କିଛି ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଉକ୍ତ ସମସ୍ୟାକୁ ଜିଲ୍ଲା ପ୍ରଶାସନ ପାଖରେ ଉପସ୍ଥାପନ କରି ଏହାର ସମାଧାନ କରିବାକୁ ସର୍ବ ସମ୍ମତି କ୍ରମେ ପାରିତ ହୋଇଥିଲା ।

### ● ମୁମ୍ବାଇରେ ଜଲୱା ଦେଖାଇଲେ ଡୁମୁରିପୁଟର ଯୁବକ

## ରଫିଙ୍କ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଲେ ଅଭିଳାଷ




କୋରାପୁଟ,୧୫।୬(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ଡୁମୁରିପୁଟ ଭଳି ଏକ ଛୋଟ ଗାଁରୁ ଯାଇ ମୁମ୍ବାଇ ମହାନଗରରେ ଷ୍ଟେଜ ଶୋ'ରେ ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ ମୁଗ୍ଧ କରିଛନ୍ତି ଅଭିଳାଷ। ଡୁମୁରିପୁଟ ବାସିନ୍ଦା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତିରୁମଲେଶ୍ୱର ଏବଂ ଉଷାରାଣୀ ଚୌଧୁରୀଙ୍କ ଜେଷ୍ଠ ପୁତ୍ର ଅଭିଳାଷ ଚୌଧୁରୀ ମୁମ୍ବାଇର ଏକ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚ ପଦସ୍ଥ ଅଧିକାରୀ ଭାବେ ଚାକିରି କରନ୍ତି। ମୁମ୍ବାଇ ସ୍ଥିତ ଏମଏମସି କଳାକୃତି ସଂସ୍ଥା ଆନୁକୂଲ୍ୟରେ ରବିବାର ରାତିରେ ରବୀନ୍ଦ୍ର ନାଟ୍ୟ କେନ୍ଦ୍ରରେ ଆୟୋଜିତ ରଫି ନାମା କାର୍ଯ୍ୟକ୍ରମରେ ଅଭିଳାଷଙ୍କୁ ମହମ୍ମଦ ରଫିଙ୍କ ଗୀତ ଗାଇବା ସୁଯୋଗ ମିଳିଥିଲା। ଅଭିଳାଷ ସେଠାରେ କର୍ଜ ସିନେମାର ମହମ୍ମଦ ରଫିଙ୍କ ଦଦ୍‌ର୍ ଏ ଦିଲ୍ ଗୀତ ଗାଇ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ବିଭିନ୍ନ ମହଲରୁ ଅଭିଳାଷକୁ ଅଭିନନ୍ଦନର ସୁଅ ଛୁଟିଛି।

# ମଣ୍ଡି ଅବ୍ୟବସ୍ଥା, ଅସନ୍ତୁଷ୍ଟ ପ୍ରକାଶ କଲେ ଡିଏଲପିସି ସଦସ୍ୟ



କୁନ୍ଦୁରା, ୧୫।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗର ପାଉଁଶି ଖରିଫ ମଣ୍ଡି ପରିଦର୍ଶନ କରି ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଡ଼ିଏଲପିସି ସଦସ୍ୟ ଚନ୍ଦ୍ରଶେଖର ରଥ। କୋରାପୁଟ ଜିଲ୍ଲାର ଅଧିକ ଉତ୍ପାଦନ ଧାନମଣ୍ଡି ହୋଇଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ଫାଇଦା ଉଠଉଛନ୍ତି ମିଲର୍ସ। ଯେତେ ଦିନ ବିଳମ୍ବ ହେବ ସେତେ ଅଧିକ କଟ୍‌ନୀଛଟନି ହେବ। ଚାଷୀଙ୍କୁ ଦାଉ ସାଧିବା ଉଦ୍ଦେଶ୍ୟରେ ଏଭଳି ବିଭିନ୍ନ ଉପାୟ ବାହାର କରୁଛି ପ୍ରଶାସନ। ଡଙ୍ଗର ପାଉଁଶି ଏବଂ ଫୁପୁଗାଁ ଗ୍ରାମ ପଞ୍ଚାୟତ ନିମନ୍ତେ ଗୋଟିଏ ସ୍ଥାନରେ ମଣ୍ଡି ପରିଚାଳିତ ହେଉଥିବା ବେଳେ ଏଠାରେ ପଞ୍ଜିକୃତ ଚାଷୀଙ୍କର ୭୦ ହଜାର କ୍ୟୁଣ୍ଟାଲ ଧାନ କ୍ରୟ କରାଯାଉଛି। ଯାହାକି ବ୍ଲକ ସ୍ତରରେ କ୍ରୟ ହେଉଥିବା ଧାନ ପରିମାଣର ଅଧା। ଏଠାରେ ଚାଷୀଙ୍କର ଟୋକାନ ମେ ୨୮ ରୁ ମେସେଜ ଆସିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେହି ଚାଷୀଙ୍କର ଧାନ କ୍ରୟ କରାଯାଉନାହିଁ। ଦୁଇ ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୧୮୪୨୭ କ୍ୟୁଣ୍ଟାଲ ଧାନ କ୍ରୟ ହୋଇଛି। କିନ୍ତୁ ବର୍ତ୍ତମାନ ମଧ୍ୟ ମଣ୍ଡି ସ୍ଥଳରେ ପ୍ରାୟ ୧୦ଟି ଗାଡ଼ି ଧାନଧରି ଦିନ ତମାମ ଛିଡା ହୋଇଥିବା ବେଳେ ମାସ ନଥିବା ଯୋଗୁଁ ଅସୁବିଧା ଭୋଗୁଛନ୍ତି ଚାଷୀ। ସେହିଭଳି ଆତୁର ଚାଷୀ ଡିଏଲ ପିସି ସଦସ୍ୟଙ୍କୁ ଦେଖି ଧାନ ଯେମିତି ହେଲେ ଉଠାଇବା ବ୍ୟବସ୍ଥା କରନ୍ତୁ ବୋଲି ନିବେଦନ କରିଥିଲେ। ସେହିଭଳି ବାହାର ଜିଲ୍ଲା ବଲାଙ୍ଗୀର ମିଲର୍ସ ମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ସହ ଏହି ମଣ୍ଡିରୁ ୧୮ କ୍ୟୁଣ୍ଟାଲ ମାସ ପ୍ରଦାନ କରାଯାଇଥିବା ସତ୍ୱେ ସେମାନେ ଆସି ଧାନ ନେବାର ନାଁ ଧରୁ ନାହାନ୍ତି। କିଛି ଚାଷୀ ଅଭିଯୋଗ କରିଛନ୍ତି ଯେ କିଛି ବାହାର ମିଲର୍ସ ପ୍ରତି ୧୦୦ କ୍ୟୁଣ୍ଟାଲରେ ଚାଷୀର ୭୦ ଏବଂ ମିଲର୍ସଙ୍କ ୩୦ କ୍ୟୁଣ୍ଟାଲ ନେଇ ରାଜି ହେଲେ ଧାନ ଉଠାଇବୁ ବୋଲି ଦଲାଲ ମାଧ୍ୟମରେ କୁହାଯାଉଥିବା ନେଇ ଚାଷୀ ପାଟି କରିଥିଲେ। ଏହାକୁ ନେଇ ଡ଼ିଏଲପିସି ସଦସ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ କଥା ହେଲେ। ସରକାରଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ସମସ୍ୟା ତିଆରି କରୁଥିବା ନେଇ ପ୍ରଶାସନ ଉପରେ ଖପ୍ପା ହୋଇଥିଲେ। ଯାହାକୁ ନେଇ ସ୍ଥାନୀୟ ଏବଂ ବାହାର ମିଲର୍ସ ସହ କଥା ହୋଇ ମାସ ପ୍ରଦାନ କରିବା ସହ ସହଜରେ ଧାନ ଯେମିତି ଉଠିବ ତାର ବ୍ୟବସ୍ଥା କରିବି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତା ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।



### ପୂର୍ବତନ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

# ଉନ୍ନୟନ କାର୍ଯ୍ୟ ହେଉ ନଥିବା ଅଭିଯୋଗ




ସେମିଳିଗୁଡା, ୧୫।୬(ସମିସ): କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ବଷ ହେଲା ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର୍ ପାଙ୍ଗୀ ଅଭିଯୋଗ କରିଛନ୍ତି। ସେମିଳିଗୁଡ଼ା ପ୍ରେସ୍ କ୍ଲବ୍‌ରେ ପୂର୍ବତନ ବିଧାୟକ ପଶ୍ରୀ ପାଙ୍ଗୀ ସାମ୍ବାଦିକ ସମ୍ମିଳନୀ କରି ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ଓ ବିଧାୟକ ରାମଚନ୍ଦ୍ର କାଡାମଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଛନ୍ତି। ଭାରତମାଳା ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ମଡେଲ ଡିଗ୍ରୀ କଲେଜ ନିର୍ମାଣ ନ ହେବା, ଜିଲ୍ଲା ଖଣିଜ ପାଣ୍ଠିର ଦୂରୁପଯୋଗ ସହ ବିଧାୟକଙ୍କ ମନମୁଖୀ କାର୍ଯ୍ୟକଳାପର ସେ ପ୍ରତିବାଦ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାମ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ପରିଚୟ ଦେଇ ବିଧାୟକ କାଡାମ ସମସ୍ତଙ୍କୁ ଧମକାଉଥିବା ସେ କହିଛନ୍ତି । ମେ ୩୦ରେ ନନ୍ଦପୁର ବ୍ଲକ ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକରେ ବ୍ଲକ ଅଧ୍ୟକ୍ଷଙ୍କୁ ଡକାଯାଇ ନ ଥିବାରୁ ବିଜେଡି କର୍ମୀମାନେ ଏହାର ପ୍ରତିବାଦ କରିଥିଲେ। କୁଲାରସିଂ ସରପଞ୍ଚଙ୍କ ସ୍ୱାମୀ ପ୍ରସନ୍ନ ନାୟକଙ୍କୁ ବିଧାୟକ ଗାଳିଗୁଲଜ ସହ ଧକ୍କା ମାରିଥିଲେ ବୋଲି ଅଭିଯୋଗ କରିଛନ୍ତି। ବୈଠକରେ ନିଜ ପ୍ରତିନିଧି କାମେଶ କାମୁଡ଼ିଙ୍କୁ ବସାଇବା ନିୟମ ବିରୁଦ୍ଧ ବୋଲି ସେ କହିଛନ୍ତି। ନନ୍ଦପୁର ବ୍ଲକ ବିଲାପୁଟ ଜଗନ୍ନାଥ ମନ୍ଦିର ଟଙ୍କା ହେରଫେର ଅଭିଯୋଗ ନିଜେ ଆଣି ଥିବା ବେଳେ ଏ ନେଇ ସ୍ୱତନ୍ତ୍ର ବୈଠକ ଡାକି ଅଡିଟ କରିବାକୁ ପୂର୍ବତନ ବିଧାୟକ ଦାବି କରିଛନ୍ତି । ଗ୍ରୀନ ପ୍ଲାଏଉଡ କାରଖାନା ପାଇଁ ସାକିଆଗୁଡ଼ା ଚିହ୍ନଟ ହୋଇଥିଲେ ମଧ୍ୟ ବିଧାୟକ କାଡାମଙ୍କ ଚାପରେ ଏହା ବଦଳାଇ ତାଙ୍କ ଗାଁ କାଡାମଗୁଡ଼ାରେ କରାଯାଇଛି। ଏହା ତାଙ୍କ ସ୍ୱାର୍ଥ ପାଇଁ ବୋଲି ସେ କହିଛନ୍ତି। ଜମି ହରାଇଥିବା ଲୋକଙ୍କୁ ଏଯାଏ ନିଯୁକ୍ତି ମିଳି ନ ଥିବା ସେ ସୂଚନା ଦେଇଛନ୍ତି ଓ ଡିଏଫ୍ ପାଣ୍ଠି ଦ୍ୱାରା ରାସ୍ତା କରା ନ ଯାଇ ଭୁବନେଶ୍ୱର ପାର୍ଟି ଦ୍ୱାରା କେବଳ ଲାଇଟ ଲଗାଇ ବିଧାୟକ ପାଣ୍ଠି ବୋଲି ଦର୍ଶାଯାଉଥିବା କହିଛନ୍ତି। ବିଡିଓମାନେ କଂଗ୍ରେସ ଏଜେଣ୍ଟ ଭଳି କାମ କରୁଥିବା ଅଭିଯୋଗ ଆଣିଛନ୍ତି। ସରକାରୀ ଜମି ଦଖଲ କରି ବିଧାୟକ ଏକ ଶିକ୍ଷା ଅନୁଷ୍ଠାନ କରିଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ କରିବା ସହ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ସାଇକଲ୍ ଧକ୍କାରେ ବାଇକ୍ ଚାଳକ ମୃତ

ଭଞ୍ଜନଗର,୧୫।୬ (ସମିସ): ଗଞ୍ଜାମ ଜିଲା ଭଞ୍ଜନଗର କୁଲାଡ ମୁଖ୍ୟ ରାସ୍ତାର ତୁଳସିପଲ୍ଲୀ ଛକ ନିକଟରେ ସୋମବାର ଅପରାହ୍ଣରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ବାଇକ୍ ଓ ସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି । ମୃତକ ହେଲେ ଜାମପଲ୍ଲୀର ଚନ୍ଦନ ଗୌଡ(୧୯) । ଅନ୍ୟପଟେ ସାଇକେଲ ଚାଳକ ଆହତ ହୋଇ ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଖବରପାଇ ଭଞ୍ଜନଗର ପୋଲିସ ଘଟଣ ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ଦେଇଛି । ମୃତ ଯୁବକ ଜଣକ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଡ୍ରାଇଭର ବାବୁଲା ଗୌଡଙ୍କ ପୁତ୍ର ଅଟନ୍ତି ।

## ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି

ମାଲକାନଗିରି,୧୫।୬(ସମିସ):



ମାଲକାନଗିରି ସଦର ମହକୁମା ସ୍ଥିତ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ କମିଟି ଗଠନ ହୋଇଛି । ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭା ଗୃହରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଛାତ୍ର ସୁରେନ୍ଦ୍ରନାଥ ପାଢି ସଭାପତିତ୍ୱ କରିଥିଲେ । ବାଲାରାଜୁ ପାଢି ସଭା ପରିଚାଳନା କରିଥିଲେ । ସର୍ବସମ୍ମତି କ୍ରମେ ପୂର୍ବତନ ଛାତ୍ର ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଭାପତି ଭାବେ ଚୟନ ହୋଇଥିବା ବେଳେ ଉପସଭାପତି ଭାବେ ବାଲାରାଜୁ ପାଢି ଓ ସୀମାଞ୍ଚଳ ପାଣିଗ୍ରାହି, ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, କୋଷାଧ୍ୟକ୍ଷ ଭାବେ ଅସୀମ ବିଶ୍ୱାସ, ଉପଦେଷ୍ଟା ଭାବେ ଅଶୋକ କୁମାର ପଟ୍ଟନାୟକ, ମନୋଜ କୁମାର ସାହୁ, ଶିବ ପ୍ରସାଦ ପାତ୍ର, ବି. ଜନାର୍ଦ୍ଦନ ରାଓ, ରବି ନାରାୟଣ ପାଣିଗ୍ରାହି, ଓ ସତ୍ୟନାରାୟଣ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା । ଶତବାର୍ଷିକୀ ଉତ୍ସବ ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ନିଷ୍ପତି ନିଆ ଯାଇଥିଲା ଏଥିନିମନ୍ତେ ଏକ ସ୍ମରଣିକା କମିଟି ଗଠନ କରାଯାଇଥିଲା । ଏହି କମିଟିରେ ଦିବାକର ଭଗବାନ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର କୁମାର ମହାରଣା, ଓ ସରୋଜ ଦାଶଙ୍କୁ ପ୍ରସ୍ତୁତି ନିମନ୍ତେ ଚୟନ କରାଯାଇଥିଲା । ଆସନ୍ତା ଡିସେମ୍ବର ମାସରେ ଶତବାର୍ଷିକୀ ଉତ୍ସବ ପାଳନ କରାଯିବାକୁ ନେଇ ବୈଠକରେ ନିଷ୍ପତି ନିଆ ଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟରେ ପାଠ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ, ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କିପରି ଏହି ଶତବାର୍ଷିକୀ ଉତ୍ସବରେ ଅଧିକରୁ ଅଧିକ ଅଂଶଗ୍ରହଣ କରିପାରିବେ ସେ ନେଇ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା । । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତିରୁଳମ ପ୍ରସାଦ ସିଂ, ବିପୁଳାନନ୍ଦ ବିଶ୍ୱାସ, ରବିନାରାୟଣ ପାଣିଗ୍ରାହି, ଅପୂର୍ବ କୁମାର ଥଣ୍ଡର, ନିଳକଣ୍ଠ ବେହେରା ଓ ଅନ୍ୟାନ୍ୟ ପୂର୍ବତନ ଛାତ୍ର ମାନେ ଉପସ୍ଥିତ ଥିଲୋ ।

## ଆମ୍ବେଦକର ଯୁବକ ସଂଘର ରକ୍ତଦାନ ଶିବିର




ରାୟଗଡ, ୧୫।୬(ସମିସ): ବିଶ୍ୱ ରକ୍ତଦାନ ଦିବସରେ ଡ. ବାବାସାହେବ ଆମ୍ବେଦକର ଯୁବକ ସଂଘ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ରାୟଗଡ ଜିଲ୍ଲା ସଦର ବ୍ଲକ ମୀରାବାଲି ଗ୍ରାମ ପଞ୍ଚାୟତର ସାନ ସାନ୍ଧୁବାଡ଼ି ଗ୍ରାମରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବକ ସଂଘର ସଭାପତି ବିନୋଦ ଗାଣ୍ଟାଙ୍କ ନେତୃତ୍ୱରେ ସଂଘ ସଦସ୍ୟ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ଯୁବକ ମାନେ ସ୍ୱେଚ୍ଛାକୃତ ଭାବେ ଅନେକ ଯୁବକ ରକ୍ତ ଦାନ କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ଅଶୋକ ପୁଆଲା, ଉପଦେଷ୍ଟା ରାଜେଶ ଗାଣ୍ଟା, ରାଜେନ୍ଦ୍ର ପାଲାକା, କୋଟେଶ ଗାଣ୍ଟା,ଅନୁଜ ଗାଣ୍ଟା, ମନୁ ପାଣି, ଇନଶ ବାଚେଲି, ଧିରେନ ଗାଣ୍ଟା, ଧର୍ମେନ୍ଦ୍ର ବାଚେଲି, ରାଜେନ୍ଦ୍ର ବାଚେଲି, ସରଜ ବାଚେଲି, ଦେବାନନ୍ଦ ପାଣି, ଏବଂ ସ୍ଥାନୀୟ ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାନର ଉପକାରିତା ଉପରେ ଆଲୋକପାତ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ଲେଡିଜ୍ ୱାକର୍ସ କ୍ଲବ୍ ପକ୍ଷରୁ ରଜ ମହୋତ୍ସବ




ରାୟଗଡ, ୧୫।୬(ସମିସ): ଲେଡିଜ୍ ୱାକର୍ସ କ୍ଲବ୍, ରାୟଗଡ଼ ପକ୍ଷରୁ ରାୟଗଡ଼ ସହରର ପ୍ରେମ ପାହାଡ କମ୍ୟୁନିଟି ହଲ୍‌ରେ ରବିବାର ଦିନ ଓଡିଶାର ଗଣ ପର୍ବ ରଜ ମହୋତ୍ସବ ପାଳନ କରାଯାଇଛି । ପ୍ରାୟ ୩୦ ଜଣ ୱାକର ସଦସ୍ୟା ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସୁନ୍ଦର ସ୍ୱାଦିଷ୍ଟ ମିଠା ଖାଦ୍ୟ ସହିତ ଅନେକ ମଜାଦାର ନୃତ୍ୟ ଗୀତ ଉତ୍ସବକୁ ସଫଳ କରିଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଶର୍ମିତା ପାଢ଼ୀ, ସମ୍ପାଦିକା ଅଞ୍ଜଳି ପଣ୍ଡା, କୋଷାଧ୍ୟକ୍ଷା ସୁଜାତା ପାଢ଼ୀଙ୍କ ସମେତ ସୁଜାତା ପାଳ, ରୀନା ରାଣୀ, ଆଶାଲତା, ମିତା, ଗୀତା, ଲତା ଓ ଅନ୍ୟ ସଦସ୍ୟା ଯୋଗ ଦେଇ ରଜ ଉତ୍ସବର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## ପୂର୍ବତନ ବିଧାୟକଙ୍କୁ କଂଗ୍ରେସର ସମାଲୋଚନା

ସେମିଳିଗୁଡ଼ା,୧୫।୬ (ସମିସ):



ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ବର୍ତ୍ତମାନର ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ବିଷୟରେ ଯେଉଁ ମନ୍ତବ୍ୟ ଦେଇଥିଲେ ତାହାର ଜବାବ ଦେଇଛି ପଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ । ଦଳ ପକ୍ଷରୁ ସେମିଳିଗୁଡା ପ୍ରେସ କ୍ଲବରେ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ଶ୍ରୀ କାଡ଼ାମ ଜନତାଙ୍କ ପାଇଁ ସମର୍ପିତ ନେତା ଲୋକପ୍ରିୟତା ବଢୁଥିବାରୁ ଅସହ୍ୟ ହୋଇ ବିଧାୟକଙ୍କ ବିରୋଧରେ ଏପରି ଅପପ୍ରଚାର ଚାଲିଛି ବୋଲି କଂଗ୍ରେସ ନେତା ମାନେ ଅଭିଯୋଗ କରିଛନ୍ତି । କୋଟିଆ ପ୍ରସଙ୍ଗରୁ ମାଛକୁଣ୍ଡ ବିସ୍ଥାପିତଙ୍କ ପର୍ଯ୍ୟନ୍ତ ସମସ୍ୟା ସମାଧାନ ପାଇଁ ବିଧାୟକ କାଡ଼ାମ ବାରମ୍ବାର ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି । ବାଲଦା, ସେରୁବନ୍ଧ, ମାଳିପର୍ବତ ଖନନକୁ ବିରୋଧ ଜାରି ରଖିଛନ୍ତି । ବିଧାୟକଙ୍କ ବାରମ୍ବାର ଦାବି ପରେ କୋଟିଆର ପାଇଁ ୨୯୦କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି । ଦେଓମାଳୀର ବିକାଶ"ପାଇଁ ୫୦୦କୋଟି ଟଙ୍କାର ପ୍ରସ୍ତାବ, ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ପାଇଁ ୫୦କୋଟି, ସୁଙ୍କି-ଜୟପୁର ରାସ୍ତା ପ୍ରଶସ୍ତୀକରଣ, ନନ୍ଦପୁର ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ଓ ପ୍ରତି ବ୍ଲକରେ ବସ୍‌ଷ୍ଟାଣ୍ଡ ପାଇଁ ଉଦ୍ୟମ ଜାରି ରଖିଛନ୍ତି । କୋରାପୁଟରୁ ବବିଲି ପର୍ଯ୍ୟନ୍ତ ରେଳପଥ ପାଇଁ ରେଳମନ୍ତ୍ରୀଙ୍କୁ ଅବଗତ କରିଛନ୍ତି । ସାଂସଦ ଓ ବିଧାୟକଙ୍କ ଉଦ୍ୟମରେ ଜିଲ୍ଲାରେ ୩୦୦ଟି ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ନନ୍ଦପୁର ବିଧାୟକଙ୍କ ପ୍ରତିନିଧି କାମେଶ କାମୁଡି, ସେମିଳିଗୁଡା ବ୍ଲକ ସଭାପତି ସୋନିଆ ମାଝୀ, ପଟାଙ୍ଗି ସଭାପତି ଅର୍ଜୁନ ବାଙ୍ଗା, ନନ୍ଦପୁର ସଭାପତି ମଦନ ହାତଫୁଟିଆ, ରାଜ ପୁଟ ସରପଞ୍ଚ ପିତାମ୍ବର କୀର୍ଶନୀ, ଏମ୍‌ପି ପ୍ରତିନିଧି ଜଗତ ରାୟ କିନ ବୁଢ଼ୀ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଲାଜାର ମେମୋରିଆଲ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

ପୋଡ଼ାଗଡ/କାକିରିଗୁମା,୧୫।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅଧିନସ୍ଥ ଭିତରଗଡ ପଞ୍ଚାୟତ ପୋଡ଼ାଗଡ ନିକଟ ଚାରଆଡା ଗ୍ରାମରେ ଲାଜାର ମେମୋରିଆଲ କ୍ରିକେଟ ମ୍ୟାଚ୍ ଉଦଯାପିତ ହୋଇଯାଇଛି । ଏହି ଖେଳ ଚାର ଆଡ଼ା ଗ୍ରାମର ଯୁବଗୋଷ୍ଠୀ ଆୟୋଜନ କରିଥିଲେ । ଆୟୋଜକ ମାନଙ୍କ ସଭାପତି ଅନନ୍ତ ଭତ୍ରାଙ୍କ ପ୍ରୟାସ କ୍ରମେ ଏହି ଖେଳଟି ଦୀର୍ଘ ୧୩ ଦିନ ଧରି ଚାଲିଥିଲା । ଏଥିରେ ପାଖାପାଖି ୧୬ଟି ଦଳ ଭାଗ ନେଇଥିଲେ । ସେଥିମଧ୍ୟରୁ ଦୁଇଟି ଟିମ୍ ତଥା ଇମାନୁଏଲ୍ ଦଳ ଓଗୀର୍ଲି ପୁଟ ଦଳ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲେ । ଆଜି ଏହି ଦୁଇ ଦଳ ମଧ୍ୟରେ ନିଜ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା । ପ୍ରଥମେ ଟସ୍ ଜିତି ଇମନୁଏଲ୍ ଦଳ ବ୍ୟାଟିଂ ନେଇଥିବା ବେଳେ ଗିର୍ଲିପୁଟ ଦଳ ବୋଲି କରିଥିଲେ । ଏହି ମ୍ୟାଚଟି ୧୨ ଓଭର ଲେଖାଏଁ ଖେଳା ଯାଇଥିଲା । ଏହି ୧୨ ଓଭରରେ ୫ଟି ୱିକେଟ ହରାଇ ୯୧ ରନ କରିଥିବାବେଳେ ବିପକ୍ଷ ଦଳ ତଥା ଗୀର୍ଲିପୁଟ ଦଳ ୧୨ ଓଭରରେ ୮ ୱିକେଟ ହରାଇ ମାତ୍ର ୮୬ ରନ କରି ପରାଜିତ ହୋଇଥିଲା । ଇମାନୁଏଲ ଦଳ ଏହି ବର୍ଷ ଲାଜାର ମେମୋରିଆଲ କ୍ରିକେଟ ମ୍ୟାଚ୍‌ରେ ଚାମ୍ପିଅନ ହୋଇଛି । ଏହି ଖେଳରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ସ୍ଥାନୀୟ ପାଳକ ମୋଜେଶ ଖରା, କୋରାପୁଟ ବିଜେଡ଼ି ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ବିଜେଡି ଜିଲ୍ଲା ଜେନେରାଲ ସେକ୍ରେଟାରୀ କୁମୁଦ ଚନ୍ଦ୍ର ସାଉନ୍ତା, ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି ବିପିନ ମାଣ୍ଡିଂ, ସ୍ଥାନୀୟ ସରପଞ୍ଚ ଲଳିତା ଜାନି ସମିତି ସଭ୍ୟ ସଙ୍ଗୀତା ମୁଦୁଲି, ପୂର୍ବତନ ସରପଞ୍ଚ ଶ୍ରୀଧର ଜାନିଙ୍କ ସମେତ ଅନ୍ୟ ଅତିଥି ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ବିଜୟ ଦଳ ଓ ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ଟ୍ରଫି ସହ ନଗଦ ଅର୍ଥ ଦେଇ ପୁରସ୍କୃତ କରିଥିଲେ ।

## ସିଏଲ୍‌ପି ନେତାଙ୍କ ନନ୍ଦପୁର ଗସ୍ତ



ନନ୍ଦପୁର,୧୫।୮ (ସମିସ): ସିଏଲ୍‌ପି ନେତା ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ସୋମବାର ନନ୍ଦପୁର ବ୍ଲକ ଗସ୍ତ କରିଛନ୍ତି । ଶ୍ରୀ କାଡ଼ାମ ପ୍ରଥମେ ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଗ୍ରାମପଞ୍ଚାୟତ ଅଧୀନସ୍ଥ ଜାମଗୁଡ଼ା ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ସ୍ୱର୍ଗତ ସନୋଷ ହନ୍ତାଳଙ୍କ ଘରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ସେଠାରୁ ଫେରି ଗତ ବୁଧବାର ମଧ୍ୟ ରାତ୍ରରେ ପାଡୁଆ ଗ୍ରାମର ଯୁବ ସକ୍ରୀୟ କଂଗ୍ରେସ କର୍ମୀ ସୀମାଞ୍ଚଳ ନାୟକଙ୍କ ଦୋକାନ ପୋଡ଼ି ଘଟଣା ନେଇ କିଛି ସମୟ ଅନୁଧ୍ୟାନ କରି ତୁରନ୍ତ ଏହାର ପର୍ଦ୍ଦାଫାଶ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଏ ନେଇ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ବିଧାୟକ ଶ୍ରୀ କାଡ଼ାମ । ବିଧାୟକଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବିଧାୟକ ପ୍ରତିନିଧି କାମେଶ କାମୁଡି, ବ୍ଲକ କଂଗ୍ରେସ ସଭାପତି ମଦନ ହାଡ ପୁଟିଆ, ଯୁବ କଂଗ୍ରେସ ନେତା ରାମକୃଷ୍ଣ ପଡାଳ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ସ୍କୁଟି ଚୁର୍‌ମାର

ଜଗନ୍ନାଥ ପ୍ରସାଦ, ୧୫।୬(ସମିସ): ଜଗନ୍ନାଥ ପ୍ରସାଦ ବ୍ଲକ କଦଳୀଗଡ଼ ନିକଟରେ ସୋମବାର ଦିବା ୧୧ ଘାଣ୍ଟିକ ସମୟରେ ମୁଖ୍ୟମନ୍ତ୍ରୀ ବସ୍‌ଟି ସ୍କୁଟି ସହିତ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ସ୍କୁଟିଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ବେଳେ ଚାଳକ ସାମାନ୍ୟ ଆହତ ଥିବା ଜଣାପଡିଛି ।

ଆଜି ଦିନ ୧୧ଟା ବେଳେ (ଓଡି.୦୭.ଏଟି.୯୫୩୧) ନାମକ ମୁଖ୍ୟମନ୍ତ୍ରୀ ବସଟି ସକାଳ ବ୍ଲକ ମୁଖ୍ୟାଳୟ ଠାରୁ ୯ଘାଣ୍ଟିକା ସମୟରେ ବାହାରି କାଦୁଆ, ବନ୍ତା, ଜାଡ଼ଧାର ଓ ରୁଢାପଦର ଯାଉଥିବା ବେଳେ ଗୟାଗଣ୍ଡା ନିକଟ ଗ୍ରାମ ବିକାଶ ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ସ୍କୁଟିକୁ ଧକ୍କା ଦେଇଘୋଷାଡି ନେଇଥିଲା । ମୁଖ୍ୟମନ୍ତ୍ରୀ ବସର ଦ୍ରୁତଗତି ଦେଖି ସ୍କୁଟି ଚାଳକ ଗାଡିରୁ ଡେଇଁ ପଡ଼ିଥିଲେ । ଫଳରେ ଚାଳକ ସାମାନ୍ୟ ଆହତ ଥିବା ବେଳେ ସ୍କୁଟିଟି ଚୁରମାର ହୋଇଯାଇ ଥିବା ଜଣାପଡିଛି । ଖବର ପାଇଁ ତାରାସିଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀ ବସ୍ ଓ ସ୍କୁଟି ଜବତ କରିଛି ।

ସୂଚନା ଥାଉକି ଜଗନ୍ନାଥ ପ୍ରସାଦ ବ୍ଲକ ମୁଖ୍ୟାଳୟଠାରୁ ଦୁର୍ଗମ ଅଞ୍ଚଳ, ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ସୁଲଭ ମୂଲ୍ୟରେ ଯିବାଆସିବା କରିବା ପାଇଁ ରାଜ୍ୟ ସରକାର ସର୍ବମୋଟ ୯ଟି ବସ୍ ସେବା ଯୋଗାଇ ଦେଇଛନ୍ତି । ସେହି ବସରେ ଗୋଟିଏ ଚାଳକ ଓ ଗୋଟିଏ ଟିକେଟ ସଂଗ୍ରହ ପାଇଁ କଣ୍ଡକ୍ଟର ନିୟୋଜିତ କରିଛନ୍ତି । ପୂର୍ବରୁ କାଦୁଆ ନିକଟରେ ଚାଳକଙ୍କ ଦ୍ରୁତଗତି ଲାଗି ବସରୁ ପଡି ଏକ ସ୍କୁଲଛାତ୍ରୀ ଗୁରୁତର ହୋଇଥିବା ବେଳେ ଆଜି ଏକ ଦୁର୍ଘଟଣା ଘଟିଛି । ଲକ୍ଷ୍ମୀ ବସ୍‌ରେ ଅନଭିଜ୍ଞ ଚାଳକଙ୍କୁ ନିୟୋଜିତ କରି ବିପଦକୁ ଟାଣୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିଲା । ତେବେ ଆଗକୁ ବଡ ଦୁର୍ଘଟଣାରୁ ଏଡ଼ାଇବା ପାଇଁ ଅଭିଜ୍ଞତା ଥିବା ଚାଳକଙ୍କୁ ନିୟୋଜିତ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଶ୍ରୀଅର୍ଣ୍ଣ ଫୁଡ୍ କାଫେକୁ ଉଦ୍‌ଘାଟିତ

### ଉଦ୍‌ଘାଟନ କଲେ ଉତ୍କଳ ଆଲୁମିନା ସିଇଓ






ଟିକିରି,୧୫।୬(ସମିସ): ଉତ୍କଳ ଆଲୁମିନା ପ୍ରକଳ୍ପ ଓ ଇଡିଆଇଆଇ ସହାୟତା ଦ୍ୱାରା ଅଞ୍ଚଳର ବେକାର ଯୁବକ ଯୁବତୀ ଓ ମହିଳା ମାନଙ୍କୁ ସ୍ୱବଲମ୍ବୀ କରିବା ପାଇଁ ପ୍ରୋଜେକ୍ଟ ଉଦ୍ୟମୀ ଦ୍ୱାରା ୩୦୦ଟି ଛୋଟ ବଡ଼ ପ୍ରକଳ୍ପ କରି ପ୍ରାୟ ୮୦୦ ଜଣ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ରୋଜଗାର କ୍ଷମ ହୋଇପାରିଛନ୍ତି । ୩୦୦ଟି ପ୍ରକଳ୍ପର ସଫଳତା ପରେ ଏବେ ପ୍ରୋଜେକ୍ଟ ଉଦ୍ୟମୀ ୨.୦ ଆରମ୍ଭ ହୋଇଛି । ଏହି ଅବସରରେ ଟିକିରିର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଟିକିରି ବସଷ୍ଟାଣ୍ଡ ନିକଟରେ ଏକ ଶ୍ରୀଅର୍ଣ୍ଣ ଫୁଡ କେଫେ ନାମରେ ଏକ ଟିଫିନ ଓ ବିରିଆନୀ ପଏଣ୍ଟ ଖୋଲିଛନ୍ତି । ଶୁକ୍ରବାର ଦିନ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରି ସିଏସଆର ହେଡ ଲୋପାମୁଦ୍ରା ମିଶ୍ରଙ୍କ ସହ ଇଡିଆଇଆଇର ପ୍ରୋଜେକ୍ଟ ଡାଇରେକ୍ଟର ସଚିକାନ୍ତ ମଲିକ ଉଦ୍‌ଘାଟନ କରିଛନ୍ତି । ରବିବାର ଦିନ ଉତ୍କଳ ଆଲୁମିନା ମୁଖ୍ୟ ରବିନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯକ୍ରମରେ ଉତ୍କଳ ଆଲୁମିନା ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ପ୍ରୋଜେକ୍ଟ ଉଦ୍ୟମୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

● ପାଟପୁର ଥାନା ଅଞ୍ଚଳରେ ଖଣ୍ଡା ବୁଲିବା ଘଟଣା

## ୯ ଗିରଫ; ୬ ମୋବାଇଲ୍, ୨ ଖଣ୍ଡା, ୨ ହକି ଷ୍ଟିକ୍ ସହ ୨ କାର୍ ଜବତ

ସାନଖେମୁଣ୍ଡି ୧୫।୬(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା କଙ୍କେରଡା ମେଡିକାଲ ଛକରେ ରବିବାର ଗୋଟାଏ କାର ରେ ଆସି ଦୋକାନ ଭିତରେ ପଶି ଜଣେ ଯୁବକକୁ ଖଣ୍ଡାରେ ହାଣି ଚାଲିଯାଇଥିଲେ ଫଳରେ ଯୁବକ ଜଣଙ୍କ ଗୁରୁତ୍ତର ହୋଇଥିଲେ । ଆହତ ଯୁବକ ଜଣଙ୍କ ହେଲେ ପାଟପୁର ଥାନା କଙ୍କେରଡା ଗ୍ରାମର ଅଶୋକ ବିଶୋୟୀ । ଆହତ ଯୁବକ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ପାଟପୁର ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଆସିକା ଏସ୍‌ଡିପି ଓ ସୌରଭ ରଞ୍ଜନ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ସୋମବାର ପାଟପୁର ପୋଲିସ ବ୍ରହ୍ମପୁର ଶକ୍ତିନଗର ନିକଟରୁ ୯ ଜଣ ଦୁର୍ବୃତ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ହିଞ୍ଜିଳି ଥାନା ଅଙ୍କେରଡ଼ା କାଲୁଆ ସାହିର ଟୁନା ସେଠୀ, ପାଟପୁର ଥାନା କଙ୍କେରଡ଼ା ପାଇକ ସାହିର ଅନନ୍ତ ବିଷୋୟୀ, ଚନ୍ଦନ ପାଢ଼ୀ, କଙ୍କେରଡ଼ା ମେଇନରୋଡ଼ର ଅଶ୍ୱିନୀ ପ୍ରଧାନ, ଚନ୍ଦନ ପରିଡ଼ା, ଜେନା ସାହିର ମହେନ୍ଦ୍ର ବେହେରା, ବ୍ରାହ୍ମଣସାହିର କିରଣ ଗୌଡ଼, ପାଇକ ସାହିର ଡମ୍ବରୁ ଜେନା, ହିଞ୍ଜିଳି ଥାନା ବଳରାମପୁର ନୁଆ ସାହିର ବେଣୁପାଣି ସେଠୀ ଓରଫ ବେଣୁକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ମୁତାବକ ଗତ କିଛିଦିନ ପୂର୍ବେ ଅଶୋକ ବିଶୋୟୀ ନିଜ ମୋଟର ସାଇକେଲକୁ ଘର ଆଗରେ ରଖିଥିବା ବେଳେ ସେଥିରେ ଚାବି ଲାଗିଥିଲା । ଗ୍ରାମର କିଛି ଯୁବକ ଚାବିଟିକୁ କାଢି ନେଇଥିବା ବେଳେ ଅଶୋକ ସେମାନଙ୍କୁ ପଚାରିବାରୁ ମନା କରିଦେଇଥିଲେ ଫଳରେ ଅଶୋକ ସେମାନଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ମଧ୍ୟ ହୋଇଥିଲା । ରବିବାର ସଂଧ୍ୟାରେ ଦୁର୍ବୃତ୍ତମାନେ ଅଶୋକ ବିଷୋୟୀ ବସିଥିବା ଦୋକାନ ରେ ପଶି ଖଣ୍ଡା ଓ ହକି ଷ୍ଟିକ୍ ରେ ଆକ୍ରମଣ କରି ଚାଲିଯାଇଥିଲେ । ଏନେଇ ଅଶୋକଙ୍କ ଭାଇ ବଂଶୀ ବିଷୋୟୀ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପାଟପୁର ପୋଲିସ ୧୭୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଗଞ୍ଜାମ ଆରକ୍ଷୀ ବି ହରିଶ୍, ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନ, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତ ମାନଙ୍କୁ ବ୍ରହ୍ମପୁର ସ୍ଥିତ ଶକ୍ତି ନଗର ରୁ ୯ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଦୁଇଟି କାର, ଦୁଇଟି ଖଣ୍ଡା, ଦୁଇଟି ହକି ଷ୍ଟିକ୍ ସହ ୬ ଟି ମୋବାଇଲ୍ ଜବତ କରି କୋର୍ଟ ଚାଲାଣ କରିଥିଲା ପୁଲିସ । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଦିପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

## ୩ ଦିନରେ ୨୫୦ ଲିଟର ବିଦେଶୀ ଓ ୩ ହଜାର ଲିଟର ଦେଶୀ ମଦ

ଖଲ୍ଲିକୋଟ,୧୫।୬(ସମିସ): ଖଲ୍ଲିକୋଟ ଥାନା ପୁଲିସ ଗତ ୩ ଦିନ ଭିତରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୨୫୦ ଲିଟର ବିଦେଶୀ ମଦ, ୩ ହଜାର ଲିଟର ଦେଶୀ ମଦ ସହିତ ଗୋଟିଏ ମହିନ୍ଦ୍ରା ଭିରୋ ଗାଡି ଓ ଗୋଟିଏ ଅଟୋକୁ ଜବତ କରିଛି । ଖଲ୍ଲିକୋଟ - କେନ୍ଦୁପାଟ ରାସ୍ତା କଦଳିବସନ୍ତ ଗ୍ରାମ ନିକଟସ୍ଥ ରାସ୍ତାକଡ଼ରେ ଚାଲିଥିବା ଏକ ବାର ଉପରେ ଚଢ଼ାଉ କରି ବନ୍ଦ କରିବା ସହିତ ଫ୍ରିଜ, ଡି ଫ୍ରିଜ, ଗ୍ୟାସ ଚୁଲା, ଗ୍ୟାସ ସିଲିଣ୍ଡର ଏବଂ ଚାଖଣା ଛାଣିବାରେ ବ୍ୟବହୃତ କଡେଇ, ଜାଲି ଚଟୁ ପ୍ରଭୃତି ଜବତ କରିଥିଲେ ପୁଲିସ । ରାସ୍ତାକଡ଼ରେ ବାର ଚାଲୁଥିବା ଖବର ପୁଲିସ ପାଖରେ ପହଞ୍ଚୁଥିବା ବେଳେ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି ।

ଖଲ୍ଲିକୋଟ ଥାନା ଅଧିନ ବାଦପଲ୍ଲୀ, ଡିମିରିଆ, ବାଣିଆ ଓ ଚିକିଲି ପଂଚାୟତରେ ନିୟମିତ ରନ୍ଧା ହେଉଛି ବେରେଲ ବେରେଲ ବେଆଇନ ଦେଶୀ ମଦ । ନିର୍ମଳଝର ଠାରୁ ୧୬ ନଂ ଜତୀୟ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଦିନ ରାତି ହୁଏ ବ୍ୟବସାୟ । ଖଲ୍ଲିକୋଟ ଅଂଚଳର ଏହି ସବୁ ଜାଗାରୁ ଚୋରା ଦେଶୀ ମଦ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମର ବିଭିନ୍ନ ଜାଗାକୁ ପଠାଯାଉଛି । ତେବେ ଅବକାରୀ ବିଭାଗ କେବଳ ମଦ ପରିବହନ ସମୟରେ ଚଢ଼ଉ କରୁଥିବା ବେଳେ ମଦ ଭାଟିରେ ଚଢାଉ କରି ମଦ ଭାଟି ବନ୍ଦ କରି ପାରୁନି । ବହୁ ପାନ ଦୋକାନ ଠାରୁ ଆରମ୍ଭ କରି ଫାଷ୍ଟଫୁଡ ଦୋକାନ ରେ ଏହି ଚୋରା ମଦ କାରବାର ଜୋରଦାର ଚାଲିଥିବା ଅଭିଯୋଗ ହେଉଛି । ଅବକାରୀ ବିଭାଗ ଓ ମଦ ମାଫିଆଙ୍କ ମଧୁ ଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର ଚୋରା ମଦ ବେପାର ଖଲ୍ଲିକୋଟ ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ଚାଲିଛି । ଅନୁମତି ମିଳି ନ ଥିବା ଖୁଚୁରା ବେପାରୀ ଅବକାରୀ ବିଭାଗର କିଛି କର୍ମଚାରୀଙ୍କୁ ହାତର କରି ଏପରି ଅବାଧ ଭାବେ ଚୋରା ମଦ କାରବାର ଚାଲୁ ରଖିଛନ୍ତି । ମଦୁଆମାନେ ଅନ୍ଧାରିଆ ସ୍ଥାନ କିମ୍ବା ଦୋକାନ କଡ଼ରେ ବସି ଖୋଲାଖୋଲି ଭାବେ ମଦ ପିଉଛନ୍ତି । ଯାହାଦ୍ୱାରା ସେହି ରାସ୍ତା ଦେଇ ଯାଉଥିବା ଲୋକେ ଭୟଭୀତ ହୋଇ ପଡୁଛନ୍ତି ।

**ମଶାଙ୍କ ଦାଉରେ କଲବଲ ବୁଗୁଡ଼ାବାସୀ**

## କାମରେ ଲାଗୁନି ଟିଂଫା ମେସିନ, ପ୍ରତିକାର ଦାବି

ବୁଗୁଡ଼ା,୧୫।୬(ସମିସ)



ସହରବାସୀଙ୍କୁ କଲବଲ କଲେଣି ମଶା । ମଶା ଏବେ ସହରବାସୀଙ୍କ ନିଦ ହଜେଇ ଦେଇଛି । ସଞ୍ଜ ନଇଁଲେ ସହରର ମୁଖ୍ୟ ସଡକ ଠାରୁ ଆରମ୍ଭ କରି ବିଭିନ୍ନ ସାହି ଗଳିର ବାସିନ୍ଦାମାନେ କଲବଲ ହେଉଛନ୍ତି । ମଶାଙ୍କ ରୋମ୍ପ୍ୟ ହ୍ରାସ କରିବାରେ ବୁଗୁଡ଼ା ଏନଏସି ସମ୍ପୂର୍ଣ୍ଣ ଫେଲ ମାରିଛି । ଫଳରେ ସହରବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ବୁଗୁଡ଼ା ସହରକୁ ସ୍ୱଚ୍ଛ ରଖି ଲୋକଙ୍କୁ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ପ୍ରଶାସନ କାମଚଳା ଉଦ୍ୟମ କରୁଥିବା ବେଳେ ମଶାଙ୍କ ଦାଉରେ ସହରବାସୀ ତ୍ରାହି ତ୍ରାହି ଡାକୁଥିଲେ ହେଁ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହୋଇଛି । ଏବେ ସହରରେ ସଞ୍ଜ ନଇଁଲା ମାତ୍ରେ ଘରେ ଓ ଦାଣ୍ଡରେ ମଶା ବେଢ଼ି ଦେଉଛନ୍ତି । ଏପରିକି ରାତିରେ ମଶାରି ଭିତରେ ମଧ୍ୟ ଶାନ୍ତିରେ ଶୁଆଇ ଦେଉନାହାନ୍ତି । ମଶାରି ବାହାରେ ଭଣଭଣ ହେଉଛନ୍ତି । ଟିକିଏ ସୁବିଧା ପାଇଲେ ମଶାରି ଭିତରକୁ ପଶି ରକ୍ତ ଶୋଷିବାରେ ଲାଗି ଯାଉଛନ୍ତି । ଫଳରେ କାମୁଡ଼ିବା ସ୍ଥାନଟି ପ୍ରବଳ ମାତ୍ରାରେ କୁଣ୍ଡେଇ ହେଉଛି । ଘର ଭିତରେ ମଶା ଦାଉରୁ ରକ୍ଷା ପାଇବା ପାଇଁ ନାମୀଦାମୀ କମ୍ପାନୀର ମଶାମରା ଲିକ୍ୟୁଇଡ୍ କି କଏଲ ଧୂଆଁ ମଧ୍ୟ କାମ କରୁନି । ତାହାକୁ ଖାତିର କରୁନାହାନ୍ତି ମଶା । ମଶାଙ୍କ ଦାଉରେ ଅସ୍ତବ୍ୟସ୍ତ ସହରବାସୀ ସହରବାସୀ ହୋଇପଡିଲେଣି । ତେଣୁ ମଶାଙ୍କୁ ଭୟ କରି ଅପରାହ୍ନ ୪ଟାରୁ ସହରବାସୀ ନିଜ ନିଜ ଘରର କବାଟ ଓ ଝରକା ବନ୍ଦ କରି ରହୁଛନ୍ତି । ଏନେଇ ବାରମ୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ହେଁ କେହି ଶୁଣୁ ନାହାଁନ୍ତି । ବିଶେଷ କରି ସଞ୍ଜ ନଇଁଲେ ମଶାଙ୍କ ଦାଉ ବୃଦ୍ଧି ପାଉଛି । ଏଭଳି ଭାବେ ମଶାଙ୍କ ସଂଖ୍ୟା ବଢ଼ିଯାଇଛି ଯେ କେଉଁ ସ୍ଥାନରେ ଠିଆ କରାଇ ଦେଉନାହାନ୍ତି । ଏନ୍‌ଏସି ପକ୍ଷରୁ ମଶାମରା ଧୂଆଁ ସ୍ପ୍ରେ ହେବାର ବ୍ୟବସ୍ଥା ରହିଥିଲେ ହେଁ ତାହା କରାଯାଉନାହିଁ । ପ୍ରଶାସନର ଉଦାସୀନତା ଯୋଗୁଁ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସହରରେ ମଶାଙ୍କ ଦାଉରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ନିଦାବିଷ୍ଟୁ ସାଜିଛି ସ୍ଥାନୀୟ ଏନ୍‌ଏସି ପ୍ରଶାସନ । ବିଶେଷ ଭାବେ ସହର ଭିତରେ ପ୍ରବାହିତ ହୋଇଥିବା ନାଳ, ନର୍‌ଦ୍ଦମା, ଖାଲରେ ପାଣି ଜମି ରହିବା ଦ୍ୱାରା ମଶାଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଯାହାଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏନ୍‌ଏସି ପକ୍ଷରୁ ତୁରନ୍ତ ସହରର ସମସ୍ତ ଅଞ୍ଚଳରେ ନାଳ ନର୍ଦ୍ଦମା ସଫା କରିବା ସହ ମଶାମରା ଧୂଆଁ ସ୍ପ୍ରେ କରିବାକୁ ସହରବାସୀ ଦାବି କରୁଛନ୍ତି ।

● ମହେନ୍ଦ୍ରଗିରିରେ ଅଗ୍ନିଶାନ୍ତି

# ରଜ ସଂକ୍ରାନ୍ତିରେ ଶ୍ରଦ୍ଧାଳୁଙ୍କ ଭିଡ଼



ରାୟଗଡ଼(ଗଜପତି)୧୫।୬(ସମିସ): ପବିତ୍ର ମହେନ୍ଦ୍ରଗିରି ପୀଠରେ ଅନୁଷ୍ଠିତ ବିଶ୍ୱପ୍ରସିଦ୍ଧ ମହେନ୍ଦ୍ର ମେଳା ତଥା ହରି ହରାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ସଫଳତାର ସହ ଶେଷ ହେବାର ଆଜି ସାତଦିନ ବିତିଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ମହେନ୍ଦ୍ରଗିରି ଶିଖରରେ ପାରମ୍ପରିକ ପୁରୋହିତ ରଞ୍ଜିତ କୁମାର ଦାସ ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ମହେନ୍ଦ୍ରଗିରିର ଅଗ୍ନିଶାନ୍ତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଯଜ୍ଞର ପୂର୍ଣ୍ଣାହୁତି ପରେ ପରିବେଶକୁ ଶାନ୍ତ ଓ ଶୁଦ୍ଧ କରିବା ପାଇଁ ଏହି ବିଶେଷ ବିଧି ଅନୁଷ୍ଠିତ ହୋଇଥିଲା।

ଅପରପକ୍ଷରେ, ଆଜି ପବିତ୍ର ରଜ ସଂକ୍ରାନ୍ତି ହୋଇଥିବାରୁ ମହେନ୍ଦ୍ରଗିରି ପୀଠରେ ଅଭୂତପୂର୍ବ ଜନଗହଳି ଦେଖିବାକୁ ମିଳିଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ଐତିହାସିକ ପର୍ବତ ଉପରେ ରଜ ପର୍ବ ପାଳନ କରିବା ସହ ଭଗବାନ ଶିବ ଏବଂ ମାତା କୁନ୍ତୀ, ଯୁଧିଷ୍ଠିର ଓ ଭୀମଙ୍କ ମନ୍ଦିର ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଅଗ୍ନିଶାନ୍ତିର ଆଧ୍ୟାତ୍ମିକ ପରିବେଶ ସାଙ୍ଗକୁ ରଜର ଉତ୍ସାହ ସମଗ୍ର ମହେନ୍ଦ୍ରଗିରି ଅଞ୍ଚଳକୁ ଚଳଚଞ୍ଚଳ କରି ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ମେଳା ଆୟୋଜକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ ନାୟକ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନିଙ୍କ ସମେତ ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ; ଆତଙ୍କିତ ଟିକାବାଲି ଅଞ୍ଚଳବାସୀ

ଟିକାବାଲି,୧୫।୬(ସମିସ)



କନ୍ଧମାଳ ଜିଲ୍ଲା ଟିକାବାଲି ରେଞ୍ଜ ଅଞ୍ଚଳରେ ଗତ କିଛିଦିନ ହେବ ଏକ ଗୋଠଛଡ଼ା ଦନ୍ତା ହାତୀର ବ୍ୟାପକ ଉପଦ୍ରବ ଦେଖିବାକୁ ମିଳିଛି। ଗଜରାଜଙ୍କ ଭୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଗରିବ ଲୋକଙ୍କ ରୋଜଗାର ସମ୍ପୂର୍ଣ୍ଣ

## ଲୋକଙ୍କ ନିଦ ହଜିଗଲାଣି, ବନ୍ଦ ହେଲା ରୋଜଗାର

ବନ୍ଦ ହୋଇଯାଇଛି।ସୂଚନା ଅନୁସାରେ, ପୂର୍ବରୁ ଜି. ଉଦୟଗିରି ରେଞ୍ଜର କୁର୍ମିଙ୍ଗିଆ ଅଞ୍ଚଳରେ ଏକ ୨୩ ଟିକିଆ ହାତୀପଲ ଡେରା ଜମାଇଥିଲେ। କିନ୍ତୁ ଗତ ୪-୫ ଦିନ ହେବ ଟିକାବାଲି ରେଞ୍ଜ ଅଞ୍ଚଳକୁ ଏକ ଗୋଠଛଡ଼ା ଦନ୍ତା ପଶିଆସି ବ୍ୟାପକ ଉତ୍ପାତ ମଚାଉଛି। ଦନ୍ତାଟି ଦିନବେଳେ ଜଙ୍ଗଲରେ ଲୁଚି ରହୁଥିବା ବେଳେ ରାତି ହେଲେ ଗ୍ରାମ ଅଭିମୁଖେ ମୁହାଁଉଛି। ଗତ କିଛି ଦିନ ତଳେ ଏହି ଦନ୍ତା ହାତୀ ପିକରଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଙ୍ଗାବିଦୀଙ୍ଗିଆର ନନ୍ଦ ପ୍ରଧାନ ଏବଂ ଲମ୍ବାକୁପା ଗ୍ରାମର ବଳ ମଲିକଙ୍କ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଦେଇଥିଲା। ଏହାପରେ ପିକରଡ଼ି, ରୁଦାବିଦୀଙ୍ଗିଆ ଓ ବୁଢ଼ାମାହା ଅଞ୍ଚଳରେ ମଧ୍ୟ ହାତୀଟି ଉତ୍ପାତ ମଚାଇଥିଲା।ସେହିପରି ଦୁଇ ଦିନ ତଳେ ବାଡ଼ିମୁଣ୍ଡା ଗ୍ରାମପଞ୍ଚାୟତ ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ବାହାଡ଼ାସାହି ଗ୍ରାମପଞ୍ଚାୟତର ଅଲରସାହି ଗ୍ରାମର ସଚିନ୍ଦ୍ର ପ୍ରଧାନ ଏବଂ ଗଙ୍ଗାଧର ପ୍ରଧାନଙ୍କ ଘର ଓ ଗୁହାଳ ଭାଙ୍ଗି ପତ୍ରସାତ କରିଦେଇଛି। ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଗାର୍ଡିଙ୍ଗିଆ ଗ୍ରାମପଞ୍ଚାୟତର ମଣ୍ଡାଗୁଡା ଓ ପଙ୍ଗାନକୁ ଗାର୍ଡିଙ୍ଗିଆ ଆଦି ଅଞ୍ଚଳରେ ଗଜରାଜ ଚଳପ୍ରଚଳ କରିବା ସହ ପାଣିତୁଳା ପ୍ରଧାନ ଏବଂ ଶୁଆଲି ପ୍ରଧାନଙ୍କ ଘର ଭାଙ୍ଗି ଦେଇଛି। ଏହା ସହିତ ବିଚିତ୍ର କହଁର, ଥାମାସ ଦିଗାଲ, ପ୍ରକାଶ ଦେହୁରୀ ଓ କବିରାଜ ଦେହୁରୀ ପ୍ରମୁଖଙ୍କ ବହୁ ପରିମାଣର ଫସଲ ନଷ୍ଟ କରିଛି।ବର୍ତ୍ତମାନ ସମୟରେ ଆମ୍ବ, ପଣସ, ଶାଳମଞ୍ଜି, ଆମ୍ବ ଟାଙ୍କୁଆ, ଶାଳପତ୍ର ଓ ସିଆଳି ପତ୍ର ସଂଗ୍ରହର ଋତୁ ଚାଲିଛି। ସ୍ଥାନୀୟ ଲୋକେ ବଣଜଙ୍ଗଲ ବୁଲି ଏସବୁ ସଂଗ୍ରହ କରିବା ସହ ଆମ୍ବୁଲ, ଆମ୍ବସଢ଼ା, କୁଇଲି ଏବଂ ଶାଳପତ୍ର/ସିଆଳି ପତ୍ରର ଖଲି-ଦନା ତିଆରି କରି ବଜାରରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ହାତୀ ଭୟରେ ଲୋକେ ଜଙ୍ଗଲକୁ ଯାଇପାରୁ ନଥିବାରୁ ସେମାନଙ୍କର ଦୁଇ ପଇସା ରୋଜଗାରର ପନ୍ଥା ବନ୍ଦ ହୋଇଯାଇଛି। ବର୍ତ୍ତମାନ ସ୍ଥାନୀୟଅଞ୍ଚଳରେକେବଳହାତୀକୁନେଇଚର୍ଚ୍ଚାଓଭୟର ବାତାବରଣ ଖେଳିଯାଇଛି।ହାତୀ ଉପଦ୍ରବ ସମ୍ପର୍କରେ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ସଠିକ୍ ସମୟରେ ବନ କର୍ମଚାରୀ ପହଞ୍ଚୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଟିକାବାଲି ବନପାଳ ଦୁର୍ଗାପ୍ରଶାଦ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗତ ୩-୪ ଦିନ ହେବ ବନ ବିଭାଗ ସଦଳବଳେ ଡ୍ରୋନ୍ ସହାୟତାରେ ହାତୀର ଗତିବିଧି ଅନୁଧ୍ୟାନ କରୁଥିଲା। ବର୍ତ୍ତମାନର ସୂଚନା ଅନୁଯାୟୀ, ଗଜରାଜ ଜି.ଉଦୟଗିରି ରେଞ୍ଜ ଅଞ୍ଚଳକୁ ଫେରିଯାଇଛି। ସେ ଯାହାହେଉ, ହାତୀ ଚାଲିଯାଇଥିବା ବନ ବିଭାଗ କହୁଥିଲେ ମଧ୍ୟ କ୍ଷୟକ୍ଷତିର ସଠିକ୍ ଆକଳନ କରି ପ୍ରଭାବିତ ଗରିବ ଚାଷୀ ଓ ଗ୍ରାମବାସୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗଜପତି ପୁଲିସ ପକ୍ଷରୁ ଧରପଗଡ଼



ପାରଳାଖେମୁଣ୍ଡି, ୧୫।୬ (ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଧରପଗଡ ଜାରି ରହିଛି। ବିଶେଷ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ, ଅବୈଧ ମଦ କାରାବାର, ଜୁଆ ଆଡ୍ଡା, ମଦପାନ କରି ଗାଡି ଚାଳନା କରିବା ଆଦିକୁ ନେଇ ଧରପଗଡ ଚାଲୁ ରହିଛି। ଆଉ ଏଥିରେ ସଫଳତା ମଧ୍ୟ ହାସଲ କରିଛି ପୁଲିସ। ଏହି କ୍ରମରେ ସୋମବାର ଡିଏସ୍‌ପି ଅମିତାଭ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ସହରର ମୁଖ୍ୟବଜାର ପରିସରରେ ଥିବା ଏକ ଦେଶୀ ମଦ ବିକ୍ରି ଦୋକାନରେ ଚଢାଉ କରି ବିପୁଳ ପରିମାଣର ମଦ ପାଉଚ ଜବତ କରିଥିବାର ଦେଖିବାକୁ ମିଳିଛି। ସେହିପରି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପକ୍ଷରୁ ସାଧାରଣ ସ୍ଥାନରେ ମଦ୍ୟପାନ ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ରବିବାର ରାତିରେ ପାରଳାଖେମୁଣ୍ଡି ପୁଲିସ ଦ୍ୱାରା ହଠାତ୍ ବାଇକ୍ ପେଟ୍ରୋଲିଂ କରାଯାଇ ପୁରୁଣାପାଟଣା ରୋଡ୍, ବିଏନ୍ ପ୍ୟାଲେସ ପରିସର, ଫ୍ରଣ୍ଟ ସାଇଡ୍ କମ୍ପାଉଣ୍ଡ ଏବଂ ଅନ୍ୟାନ୍ୟ କମ୍ ଆଲୋକ ଥିବା ସ୍ଥାନଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କିଛି ଯୁବକ ଦଳ ପୃଥକ ପୃଥକ ଭାବେ ବସି ମଦ୍ୟପାନ କରୁଥିବା ଦେଖିବାକୁ ପାଇଥିଲା ପୁଲିସ। ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ପରିଚୟ ଯାଞ୍ଚ କରାଯାଇଥିଲା। ସେମାନଙ୍କୁ କଡ଼ା ଚେତାବନୀ ଦିଆଯିବା ସହିତ ଲିଖିତ ମୁଚାଲିକା ନେବା ପରେ ଛାଡ଼ି ଦିଆଯାଇଥିବାର ଜଣାପଡିଛି। ସେହିପରି ଆଜି ଜିଲ୍ଲାର ଆର. ଉଦୟଗିରି ଥାନା ପକ୍ଷରୁ ଅନୁଗୁରୁ ପଞ୍ଚାୟତର ଜଙ୍ଗଲ ଅଞ୍ଚଳରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ବିରୋଧରେ ଚଢ଼ଉ କରାଯାଇଥିଲା। ଏହି ଅଭିଯାନ ସମୟରେ, ଏକ ଅବୈଧ ମଦ ଉତ୍ପାଦନ ୟୁନିଟ୍ ଚିହ୍ନଟ କରାଯାଇ ଭାଙ୍ଗି ଦିଆଯାଇଥିଲା। ପ୍ରସ୍ତୁତି ପ୍ରକ୍ରିୟାରେ ପ୍ରାୟ ୨୦୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରିଦିଆଯାଇଥିଲା। ଜଣେ ଅଭିଯୁକ୍ତକୁ ମଧ୍ୟ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା ଏବଂ ତାଙ୍କଠାରୁ ୫୦ ଲିଟର ଅବୈଧ ଭାବ ରଖିଥିବା ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଅଡ଼ବା ପୁଲିସ ପକ୍ଷରୁ ଗରଡମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋବିଲି, ବାଲିକୁଡି ଏବଂ ଗରଡମା ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଚଢାଉ କରିଥିଲା। ଏହି ଅଭିଯାନ ସମୟରେ, ବିଭିନ୍ନ ସ୍ଥାନରେ ବେଆଇନ ଦେଶୀ ମଦ ପ୍ରସ୍ତୁତ କାର୍ଯ୍ୟକଳାପ ଚିହ୍ନଟ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଅବୈଧ ମଦ ପ୍ରସ୍ତୁତି ପାଇଁ ସାମଗ୍ରୀ ଓ ବିଭିନ୍ନ ଉପକରଣ ଜବତ କରାଯାଇଥିଲା। ଏହା ସହ ଘଟଣାସ୍ଥଳରେ ୧୫୦ ଲିଟର ଅବୈଧ ମଦ ଜବତ କରାଯାଇଥିଲା।

# ପାରଳାଖେମୁଣ୍ଡି ସହରରେ ଘନଘନ ପାଇପ୍ ମିଟର ଚୋରି

ପାରଳାଖେମୁଣ୍ଡି, ୧୫।୬ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ପାଇପ ମିଟର ଚୋରୀ ଜାରି ରହିଛି। ସହରରେ ଏପରି ବିଗତ ୭ ମାସ ହେଲା ଜାରୀ ରହିଥିଲେ ମଧ୍ୟ ଦୁର୍ବୃତ୍ତ ଧରାପଡୁ ନାହିଁ। କିଛି ଦିନ କିମ୍ବା କିଛି ମାସ ଅନ୍ତରାଳେ ସହରର ବିଭିନ୍ନ ସାହି ବସ୍ତିରେ ପଶି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲଗାଯାଇଥିବା ପାନୀୟ ଜଳ ମିଟର ଚୋରି ବୃଦ୍ଧି ପାଇବାରେ ଲାଗିଛି। ସହରର କରଣସାହିରେ ବିଗତ ଡିସମ୍ବର ମାସରେ ଏପରି ଚୋରି ଆରମ୍ଭ ହୋଇଥିବାର ନଜରକୁ ଆସିଥିଲା। ସେବେ ଠାରୁ ଦିନକୁ ଦିନ ଏହି ପାଇପ ମିଟର ଚୋରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଗତ ୭ ମାସ ମଧ୍ୟରେ ସହରର ବିଭିନ୍ନ ସାହି ଗୁଡିକରେ ବରାମ୍ବାର ଏପରି ଚୋରି ହେଉଥିବା ବେଳେ ରବିର ରାଜଦାଣ୍ଡ ସାହିର ପ୍ରାୟ ୧୦ରୁ ଅଧିକ ପାଇପ ମିଟର ଚୋରି ହୋଇଥିବାର ଜଣାପଡିଛି। ସାହିବାସିନ୍ଦାଙ୍କ ସୂତ୍ରରୁ ପ୍ରକାଶ ଯେ ରବିବାର ବିଳମ୍ବିତ ରାତି କିମ୍ବା ପାହାନ୍ତିଆ ସମୟରେ ପାନୀୟ ଜଳ ଲାଗି ଘରକୁ ଘର ସଂଯୋଗୀକରଣ ହୋଇଥିବା ପାଇପ୍‌ଲାଇନର ମିଟରଗୁଡିକୁ ଦୁର୍ବୃତ୍ତ କାଟି ନେଇଛନ୍ତି। ତେବେ ଦୁର୍ବୃତ୍ତ କାହିଁକି ଏପରି ପାଇପ ମିଟର କାଟି ଚୋରୀ କରି ନେଇ କେଉଁ କାର୍ଯ୍ୟରେ ଆସୁଛି ତାକୁ ନେଇ ନାନାଦି ଆଲୋଚନା ହେଉଛି। ସେପଟେ ଏହି ରାଜଦାଣ୍ଡ ସାହିର ଉଭୟ ପାର୍ଶ୍ୱ ଛକରେ ପୋଲିସର ପହରା ରହୁଛି। ଏହା ସତ୍ତ୍ୱେ ଦୁର୍ବୃତ୍ତ ପୋଲିସକୁ ଖୋଲାଖୋଲି ଚେଲେଞ୍ଜ ଦେଇ ଚୋରି କରୁଥିବାର ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏପରି ମିଟର କାଟିବା ଦ୍ୱାରା ପାନୀୟ ଜଳ ଅପଚୟ ହେବା ସହ ରାସ୍ତାରେ ଭାସୁଛି। ସହରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ପାଣି ଲୋକଙ୍କୁ ପର୍ଯ୍ୟାପ୍ତ ହେଉ ନଥିବା ବେଳେ ଏପରି ଅପଚୟ ଯୋଗୁଁ ମଧ୍ୟ ନାନାଦି ଆଲୋଚନା ହେବାରେ ଲାଗିଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ



ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କୁ ପଚାରିବାରେ କହିଛନ୍ତି ଯେ ଗତ ୭ ମାସ ପୂର୍ବେ ପାରଳାଖେମୁଣ୍ଡି ପୋଲିସ୍ ଥାନାରେ ଅଭିଯୋଗ କରାଯାଇଛି। ତେବେ ଆଜି ପର୍ଯ୍ୟନ୍ତ କୌଣସି ଦୁର୍ବୃତ୍ତଙ୍କୁ ଧରା ପଡିନାହାନ୍ତି। ଏପରି ଘଟଣା ଘଟିଲେ ତୁରନ୍ତ ପାନୀୟ ଜଳ ସଂଯୋଗୀକରଣ କରିଚାଲିଛୁ। ତେବେ ଚୋରୀ ଯାଉଥିବା ମିଟର ଗୁଡିକ ସମ୍ପର୍କେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଅବଗତ ମଧ୍ୟ କରାଯାଉଛି। ଅନ୍ୟପକ୍ଷରେ ପାଇପ ମିଟର ଚୋରୀ ଘଟଣାରେ ବିଭାଗୀୟ କର୍ମଚାରୀ ସଂପୃକ୍ତି ରହିଥିବାର ଲୋକେ ଅନୁମାନ କରୁଛନ୍ତି।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍‌ର ଜରୁରୀ କାର୍ଯ୍ୟକାରୀ ବୈଠକ



ପାରଳାଖେମୁଣ୍ଡି, ୧୫।୬ (ସମିସ) : ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ପକ୍ଷରୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ବଡ ରାଧାକାନ୍ତ ମଠ ପରିସରରେ ଏକ ଜରୁରୀ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରମାକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୈଠକ କାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧାରଣ ସମ୍ପାଦକ ବି.ଜଗନ ମୋହନ ରାଓଙ୍କ ସଂଯୋଜନାରେ ଆଗାମୀ ଦିନରେ ସଂଘର ଆନ୍ଦୋଳନର ରୂପରେଖା ଉପରେ ଆଲୋଚନା ହୋଇଥିଲା। ସେହିପରି ଏନ୍‌ଏସିର ସଭାପତି ଅଶୋକ ରାଉତଙ୍କ ତତ୍ତ୍ୱାବଧାନରେ ପେନସନ୍ କାର୍ଯ୍ୟକାରୀ ଉପରେ ସମସ୍ତ ବିଷୟକୁ ନେଇ ଆଲୋକପାତ କରାଯାଇଥିଲା। ଏଥିରେ ରାଜ୍ୟ ସଂଘର ଉପ-ସଭାପତି ପ୍ରଶାନ୍ତ ଶତପଥୀ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଗଜପତି ଜିଲ୍ଲାର ସଂଘକୁ କିପରି ଦୃଢିଭୂତ କରାଯିବ ତାହାରି ଉପରେ ମନ୍ତବ୍ୟ ରଖିଥିଲେ। ଗଦାଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରଜ ସଂକ୍ରାନ୍ତି ରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଗୋରକ୍ଷକଙ୍କୁ କରାଗଲା ସମ୍ବର୍ଦ୍ଧନା

ଜି ଉଦୟଗିରି ୧୫। ୬(ସମିସ ): ପବିତ୍ର ରଜ ସଂକ୍ରାନ୍ତି ପାଇଁ ଜି ଉଦୟଗିରି ର ବିଭିର୍ଣ୍ଣ ମନ୍ଦିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପଦାସାହି ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଜ ପାଇଁ ଦୋଳି ଲଗା ଯାଇଥିବା ବେଳେ ନାମ ଯଜ୍ଞ, ଘୃତ ଯଜ୍ଞ, ଅର୍ଣ୍ଣ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ପଟେ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛିବା ବେଳେ ଅନ୍ୟ ପଟେ ରଜ ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏହା ସହିତ ଜି ଉଦୟଗିରି ରେ ଗୋମାତାଙ୍କ ସେବା ପାଇଁ ଉଲେଖନୀୟ ଭୂମିକା ନେଇଥିବା ୧୫ ଜଣ ଗୋସେବକ ଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯାହା ଗୋ ସେବକ ଙ୍କୁ ଉତ୍ସାହିତ କରିଥିବା ବେଳେ ଏଥିରେ ଅଧିକ ରୁ ଅଧିକ ଯୁବକ ମାନେ ସାମିଲ ହେବାକୁ ଆହ୍ୱାନ ଦିଆ ଯାଇଛି। କାର୍ଯ୍ୟକ୍ରମ ରେ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗା ମାଧବ ପଟ୍ଟନାୟକ,ସମ୍ପାଦକ ପ୍ରଶାନ୍ତ ବଗର୍ତି, କୋଷାଧକ୍ଷ ହେମନ୍ତ କୁମାର ପ୍ରଧାନ, ମୁଖ୍ୟପରିଚାଳକ ଅନିଲ କୁମାର ପଟ୍ଟନାୟକ, ଙ୍କ ସହିତ ସୁଦାମ ପାତ୍ର, ଭାଗବତ ଆର୍ଜ?ଲି,ପୁର୍ଣ ପ୍ରଧାନ, ଲଳିତ ଦଳବେହେରା, ଦୀପକ ଦଳ ବେହେରା,ପ୍ରଦୀପ ନାୟକ,ଗୋଲକ ପଟ୍ଟନାୟକ, ପୁରୋହିତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସଂଜୀବ ପ୍ରଧାନ, ପ୍ରଭାତ ମହାପାତ୍ରଙ୍କ ସହିତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ।

# ରଜ ସଂକ୍ରାନ୍ତିରେ ଗୋରକ୍ଷକଙ୍କୁ ସମ୍ବର୍ଦ୍ଧନା

ଜି ଉଦୟଗିରି, ୧୫ । ୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ପାଇଁ ଜି ଉଦୟଗିରିର ବିଭିନ୍ନ ମନ୍ଦିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପଦାସାହି ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଜ ପାଇଁ ଦୋଳି ଲଗା ଯାଇଥିବା ବେଳେ ନାମ ଯଜ୍ଞ, ଘୃତ ଯଜ୍ଞ, ଅର୍ଣ୍ଣ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ପଟେ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛିବା ବେଳେ ଅନ୍ୟ ପଟେ ରଜ ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏହା ସହିତ ଜି ଉଦୟଗିରିରେ ଗୋମାତାଙ୍କ ସେବା ପାଇଁ ଉଲ୍ଲେଖନୀୟ ଭୂମିକା ନେଇଥିବା ୧୫ ଜଣ ଗୋସେବକଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯାହା ଗୋ ସେବକଙ୍କୁ ଉତ୍ସାହିତ କରିଥିବା ବେଳେ ଏଥିରେ ଅଧିକରୁ ଅଧିକ ଯୁବକ ମାନେ ସାମିଲ ହେବାକୁ ଆହ୍ୱାନ ଦିଆ ଯାଇଛି। କାର୍ଯ୍ୟକ୍ରମ ରେ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗା ମାଧବ ପଟ୍ଟନାୟକ,ସମ୍ପାଦକ ପ୍ରଶାନ୍ତ ବଗର୍ତି, କୋଷାଧକ୍ଷ ହେମନ୍ତ କୁମାର ପ୍ରଧାନ, ମୁଖ୍ୟପରିଚାଳକ ଅନିଲ କୁମାର ପଟ୍ଟନାୟକଙ୍କ ସହିତ ସୁଦାମ ପାତ୍ର, ଭାଗବତ ଆର୍ଜେଲି, ପୁର୍ଣ୍ଣ ପ୍ରଧାନ, ଲଳିତ ଦଳବେହେରା, ଦୀପକ ଦଳ ବେହେରା, ପ୍ରଦୀପ ନାୟକ, ଗୋଲକ ପଟ୍ଟନାୟକ, ପୁରୋହିତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସଂଜୀବ ପ୍ରଧାନ, ପ୍ରଭାତ ମହାପାତ୍ର ଉପସ୍ଥିତ ରହିଥିଲେ।

# ୫ ବର୍ଷ ପରେ ବି ସରୁନି ପାନୀୟ ଜଳ ପ୍ରକଳ୍ପ

କାଶୀନଗର ୧୫।୬(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକରେ ବର୍ତ୍ତମାନ ବି ବହୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଅଭାବ ଲାଗି ରହିଥିବା ଦେଖିବାକୁ ମିଳିଛି। ସରକାର ପ୍ରତ୍ୟେକ ଗ୍ରାମରେ

- ବସୁଧା ପାନୀୟ ଜଳ ଅପେକ୍ଷାରେ ବହୁ ଗାଁର ଲୋକେ
- ୧୩୪ କୋଟିର ପ୍ରକଳ୍ପରୁ ମିଳୁନି ଫଳ
- ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଯେପରି ପାନୀୟ ଜଳ ପହଞ୍ଚିବ ସେନେଇ ଚିନ୍ତାଧାରା କରିଥଲେ। ସରକାରୀ ଯୋଜନାର ଲକ୍ଷ୍ୟ ଥିଲା ଗାଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା। ଏଥିପାଇଁ କାଶୀନଗର ବ୍ଲକ ପାଲସିଂ ଗ୍ରାମ ନିକଟସ୍ଥ ତଥା ବଂଶଧାରା ନଦୀ ଉପକୂଳରେ କୋଟି କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ହେଲେ ପ୍ରଶାସନିକ ତଦାରଖର ଅଭାବ ଓ ଠିକା ସଂସ୍ଥାର ମନମାନି କାର୍ଯ୍ୟ ଯୋଗୁଁ ୫ ବର୍ଷ ପରେ ମଧ୍ୟ ପ୍ରକଳ୍ପ ଅଧାରେ ଅଟକି ରହିଛି। ଫଳରେ ଗଜପତି ଜିଲ୍ଲାର କାଶୀନଗର ଓ ଗୁମ୍ମା ବ୍ଲକର ଶତାଧିକ ଗାଁର ଲୋକେ ଆଜି ବି ବିଶୁଦ୍ଧ ପାଣି ପାଇଁ ସଂଘର୍ଷ କରୁଛନ୍ତି। ୧୩୪ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨୦୨୦ ମସିହା ସେପ୍ଟେମ୍ବରରେ ଆରମ୍ଭ ହୋଇଥିଲା। ବଂଶଧାରା ନଦୀର ଜଳକୁ ବିଶୁଦ୍ଧ କରି କାଶୀନଗର ବ୍ଲକର ୮୭ଟି ଓ ଗୁମ୍ମା ବ୍ଲକର ୧୬ଟି ଗାଁକୁ ଜଳ ଯୋଗାଣ ଏହାର ଲକ୍ଷ୍ୟ ରହିଥିଲା। ଦି ଇଣ୍ଡିଆନ ହ୍ୟୁମ ପାଇପ କମ୍ପାନୀ ଏହି କାର୍ଯ୍ୟର ଠିକା ନେଇଥିଲା। ୫ ବର୍ଷ ମଧ୍ୟରେ କାମ ଶେଷ କରିବାର ଚୁକ୍ତି ଥିଲେ ମଧ୍ୟ ଧାର୍ଯ୍ୟ ସମୟ ଶେଷ ହୋଇଯାଇଛି, କିନ୍ତୁ ପ୍ରକଳ୍ପ ଏଯାଏଁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବର୍ତ୍ତମାନ ନାମକୁ ମାତ୍ର କିଛି ଗାଁକୁ ପାଣି ଯୋଗାଣ ହେଉଥିବା ବେଳେ ବାକି ଦୁଇ ବ୍ଲକ ତଥା କାଶୀନଗର ଓ ଗୁମ୍ମା ବ୍ଲକର ଶତାଧିକ ଗାଁର ଲୋକେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି। ଅନେକ ଗାଁର ଲୋକେ ଏବେ ବି ପାହାଡ଼ିଆ ଝରଣା ଓ ଅନ୍ୟାନ୍ୟ ଅସୁରକ୍ଷିତ ଜଳ ଉତ୍ସ ଉପରେ ନିର୍ଭର କରୁଛନ୍ତି। ସେହିପରି କାଶୀନଗର ବ୍ଲକ୍ ସୀତାପୁର ସରପଞ୍ଚ କେ ତେଜେଶ୍ୱର ରାଓ କିଛି ଦିନ ପୂର୍ବ ଏକ ଅଭିଯୋଗ ଆଣିଥିଲେ ଯାହାକି ହୋନାଲି ଜଗନ୍ନାଥପୁର ଗ୍ରାମର ବସବାସ କରୁଥିବା ଆଦିବାସୀ ଲୋକେ ପାନୀୟ ଜଳ ନପାଇ ବିଭିନ୍ନ ଅସୁବିଧାରେ ଜୀବନଯାପନ କରୁଥିବା ଦୃଶ୍ୟ ପ୍ରଶାସନ ସାମ୍ନାକୁ ଆଣିଥିଲେ। ଲୋକେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ମୁଖ୍ୟ ଉଦ୍ଦେଶ୍ୟ ଏହି ପ୍ରକଳ୍ପ ବିଳମ୍ବ ଯୋଗୁ ବୋଲି ସେ କହିଥିଲେ। ବର୍ତ୍ତମାନ ବିଶେଷକରି ଗ୍ରୀଷ୍ମ ଋତୁରେ ପାଣି ପାଇଁ ଲୋକଙ୍କ ଦୁରବସ୍ଥା ବଢ଼ିଯାଉଛି। ପ୍ରକଳ୍ପ ବିଳମ୍ବକୁ ନେଇ ସ୍ଥାନୀୟ ଲୋକେ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାମର ମାନ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ମଧ୍ୟ ଯଦି ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି, ତେବେ ଏହାର ଦାୟିତ୍ୱ କାହାର ବୋଲି ପ୍ରଶ୍ନ କରିଛନ୍ତି। ସ୍ଥାନୀୟ କିଛି ଲୋକେ ଉକ୍ତ ଠିକା ସଂସ୍ଥା କର୍ମଚାରୀଙ୍କୁ ସମସ୍ୟା ନେଇ ପଚାରିଲେ ନାଲି ଆଖି ଦେଖାଉଥିବା ନେଇ ଅଭିଯୋଗ ଆସୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଧାର୍ଯ୍ୟ ସମୟରେ କାମ ଶେଷ ନକରିବାରୁ ଠିକା ସଂସ୍ଥା ଉପରେ ୨୫ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ସମସ୍ତ ୧୦୩ଟି ଗାଁକୁ ଜଳ ଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା



ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ କାମ ନ ହେଲେ ଠିକା ସଂସ୍ଥା ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ବିଭାଗ କହିଛି। ବର୍ତ୍ତମାନ ସମୟ ଶେଷ ହେଇ ଆସିଲା କିନ୍ତୁ ଲୋକେ ପାନୀୟ ଜଳ ପାଇଲେ ନାହିଁ। ତେବେ ପ୍ରଶ୍ନ ଉଠୁଛି, ୫ ବର୍ଷ ଧରି ଅଟକି ରହିଥିବା ଏହି ବୃହତ ପ୍ରକଳ୍ପ କାହିଁକି ସମୟରେ ଶେଷ ହୋଇପାରିଲା ନାହିଁ? କାହିଁକି ନିୟମିତ ଭାବେ ନିରୀକ୍ଷଣ ହେଲା ନାହିଁ? କୋଟି କୋଟି ଟଙ୍କାର ସରକାରୀ ଅର୍ଥ ବ୍ୟୟ ପରେ ମଧ୍ୟ ଲୋକଙ୍କୁ ମୌଳିକ ସୁବିଧା ନମିଳିବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ଏନେଇ କାଶୀନଗର ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇନଥିଲେ। ଉକ୍ତ ପାନୀୟ ଜଳ ସମସ୍ୟା ପ୍ରତି ପ୍ରଶାସନ କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା ଏବେ ସାଧାରଣ ଜନତାଙ୍କ ପ୍ରଶ୍ନ ଉଠିଛି। ଆଉ କେତେ ଦିନ ପାନୀୟ ଜଳ ଅଭାବ ଲାଗିରହିବ ତାହା ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଉକ୍ତ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତଦାରଖ କରି ସମାଧାନ କରିବା ସହ ଠିକା ନେଇଥିବା ସଂସ୍ଥା ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ୩ ଦିନିଆ ଯୁବକ ଓ ନେତୃତ୍ୱ ସମ୍ମିଳନୀ ଉଦ୍‌ଘାଟିତ




ଜି.ଉଦୟଗିରି, ୧୫।୬(ସମିସ): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ମଳିକାପୋଡ଼ି ପଞ୍ଚାୟତର ବାଡେନାଯୁସ୍ଥିତ 'ହାପି ଭାଲି ହୋମ' ପରିସରରେ ଏକ ତିନି ଦିନିଆ ଯୁବକ ଓ ନେତୃତ୍ୱ ସମ୍ମିଳନୀ ରବିବାର ଉଦ୍ଘାଟିତ ହୋଇଯାଇଛି। ହାପି ଭାଲି ମିନିଷ୍ଟ୍ରୀର ସଭାପତି ଆଚାର୍ଯ୍ୟ ଡଃ ସୁସଭନ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଯୁବପିଢ଼ିଙ୍କ ଆଧ୍ୟାତ୍ମିକ ବିକାଶ, ନେତୃତ୍ୱ ଗୁଣର ଅଭିବୃଦ୍ଧି ଏବଂ ସମାଜ ଗଠନରେ ସେମାନଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଶୋଭନ ପାତ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପାଳକ ବେନିଅନ ନାୟକ ପ୍ରାର୍ଥନା ପୂର୍ବକ ଶୁଭାରମ୍ଭ କରିଥିଲେ। ଏହାପରେ ସଙ୍ଗୀତ ଦଳ ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଭକ୍ତି ଓ ଆନନ୍ଦମୟ ପରିବେଶ ମଧ୍ୟରେ ଉପସ୍ଥିତ ମୁଖ୍ୟବକ୍ତା ଓ ଅତିଥିମାନଙ୍କୁ ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ହାପି ଭାଲି ମିନିଷ୍ଟ୍ରୀର ସମ୍ପାଦିକା ବନବାସିନୀ ରାଉତଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ସମ୍ମିଳନୀକୁ ବିଧିବଦ୍ଧ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ଏହି ସମ୍ମିଳନୀରେ ମହାରାଷ୍ଟ୍ରରୁ ଆପୋଷ୍ଟଲ ଡଃ ଅଭିଷେକ ରୋଜର୍ସ ଏବଂ ଛତିଶଗଡ଼ରୁ ପ୍ରଫେଟ ସନି କୁରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେମାନେ ବାଇବଲ ମୂଳ ପ୍ରସଙ୍ଗ ଉପରେ ଆଲୋଚନା କରି, ଉପସ୍ଥିତ ବିଶ୍ୱାସୀମାନଙ୍କୁ ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି କରିବା, ବିଶ୍ୱାସରେ ଦୃଢ଼ ରହିବା ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ଅନୁଯାୟୀ ଜୀବନଯାପନ କରିବାକୁ ପ୍ରେରଣା ଦେଇଥିଲେ। ସେହିପରି ସିମିଳିଗୁଡାରୁ ଆସିଥିବା ସଙ୍ଗୀତ ଗାୟକ ଓ ଉପାସକ ପାଳକ ଚେତନ ଏସ୍. ନାୟକ ନିଜର ଆଧ୍ୟାତ୍ମିକ ସଙ୍ଗୀତ ମାଧ୍ୟମରେ ସମଗ୍ର ପରିବେଶକୁ ଭକ୍ତିମୟ କରିଥିଲେ।

ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜର ସମ୍ପାଦକ ଆମନ ଚନ୍ଦ୍ର ନାୟକ ଯୋଗଦେଇ ଯୁବପିଢ଼ିଙ୍କୁ ସମାଜସେବା, ନେତୃତ୍ୱ ଓ ନୈତିକ ମୂଲ୍ୟବୋଧ ପ୍ରତି ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ। ଏହି ସମ୍ମିଳନୀରେ ଅଞ୍ଚଳର ବହୁ ସଂଖ୍ୟକ ଯୁବକ-ଯୁବତୀ ଓ ବିଶ୍ୱାସୀ ଯୋଗ ଦେଇଛନ୍ତି। ଆଗାମୀ ଦୁଇ ଦିନ ଧରି ଏଠାରେ ବିଭିନ୍ନ ଆଧ୍ୟାତ୍ମିକ ବାର୍ତ୍ତା, ନେତୃତ୍ୱ ପ୍ରଶିକ୍ଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ଯୁବପିଢ଼ିଙ୍କୁ ଭବିଷ୍ୟତର ଦାୟିତ୍ୱବାନ ନେତା ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

